# ପରିବର୍ତ୍ତନର ସ୍ଲୋଗାନ ଦେଉଛି ଭାଜପା

## ମେୟର ପ୍ରାର୍ଥିନୀ ସୁନୀତି ମୁଣ୍ଡ



୧୦ ନମ୍ବର ୱାର୍ଡରେ ଭାଜପା ମେୟର ପ୍ରାର୍ଥିନୀ ସୁନୀତି ମୁଣ୍ଡଙ୍କ ପ୍ରଚାର।

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନଗମ(ବିଏମ୍‌ସି) ନିର୍ବାଚନରେ ମେୟର ପଦ ପାଇଁ ୧୨ଜଣ ପ୍ରାର୍ଥୀ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ସମସ୍ତେ ନିଜ ନିଜ ଶୈଳୀରେ ପ୍ରଚାରକୁ ଜୋର କରିଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନ ତୁଳନାରେ ୨୦୨୨ରେ ଭାଜପା ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଛି, ଯାହାକି ଦଳୀୟ କର୍ମୀଙ୍କ ମଧ୍ୟରେ ଏକ ନିରୁତ୍ସାହଜନକ ସ୍ଥିତି ସୃଷ୍ଟି କରିଛି। ଏହାସତ୍ତ୍ୱେ ଏହାର କୌଣସି ପ୍ରଭାବ ପୌର ନିର୍ବାଚନ ଉପରେ ପଡ଼ିବ ନାହିଁ ବୋଲି ଭାଜପା ନେତା ଏବଂ ପ୍ରାର୍ଥୀମାନେ ଲୋକଙ୍କୁ ବୁଝାଇବାରେ ଲାଗିଛନ୍ତି। ବିଶେଷକରି ପରିବର୍ତ୍ତନର ନାରାକୁ ଭାଜପା ପ୍ରାର୍ଥୀ ପାଥେୟ କରି ପ୍ରଚାର ଜାରି ରଖିଛନ୍ତି। ଚଳିତ ନିର୍ବାଚନରେ ସୁନୀତି ମୁଣ୍ଡଙ୍କୁ ଭାଜପା ମେୟର ପ୍ରାର୍ଥିନୀ ଭାବେ ଛିଡ଼ା କରାଇଛି। ୨୦୧୯ ସାଧାରଣ ନିର୍ବାଚନରେ ଭୁବନେଶ୍ୱରରେ ୩ ବିଧାନସଭା ଆସନକୁ ବିଜେଡି ହାତେଇଥିବାବେଳେ ଏମ୍‌ପି ସିଟ୍ ଭାଜପା ଦଖଲରେ ରହିଛି। ତେଣୁ ଏଥର ବିଏମ୍‌ସି ନିର୍ବାଚନର ଦାୟିତ୍ୱ ଦଳ ସମ୍ପୂର୍ଣ୍ଣ ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କ ହାତରେ ନ୍ୟସ୍ତ କରିଛି। ଅପରାଜିତା ୨୦୧୯ ନିର୍ବାଚନରେ ଯେଉଁଭଳି ରଣନୀତି କରି ନିର୍ବାଚନ ଲଢ଼ିଥିଲେ ମେୟର ଭୋଟ୍ ପାଇଁ ମଧ୍ୟ ସମାନ ଫର୍ମୁଲା ଆପଣାଉଥିବା ଦେଖିବାକୁ ମିଳୁଛି। ସୁନୀତିଙ୍କ ସହ ଅପରାଜିତା ଛାଇ ଭଳି ରହି ପ୍ରଚାର କାର୍ଯ୍ୟକୁ ଆଗେଇ ନେଉଛନ୍ତି। ଏଥିସହ ନିଜ ସଫଳତାର ଟେକ ରଖିବାକୁ ଅପରାଜିତା ଏକ ପ୍ରକାର ଦମ୍ ଲଗାଇ ଦେଇଛନ୍ତି।

## ସମସ୍ୟା ଅନେକ, ୨ ବର୍ଷରେ ସମାଧାନ କରିବାକୁ ଲକ୍ଷ୍ୟ

ନିର୍ବାଚନ ଆଉ ସପ୍ତାହରୁ କମ୍ ସମୟ ଥିବାବେଳେ ପ୍ରଚାର ପାଇଁ ହାତରେ ମାତ୍ର ୫ଦିନ ରହିଛି। ତେଣୁ ଭାଜପା ମେୟର ପ୍ରାର୍ଥିନୀ ସୁନୀତି ମୁଣ୍ଡ ବିଭିନ୍ନ ଅଞ୍ଚଳରେ କ୍ୟାମ୍ପେନ ପଦଯାତ୍ରା କରିବା ସହ ପ୍ରଚାରକୁ ଜୋରଦାର କରିଛନ୍ତି। ପ୍ରଚାର ସମୟରେ ଧରିତ୍ରୀ ପକ୍ଷରୁ ତାଙ୍କୁ ସାକ୍ଷାତ କରାଯାଇ ତାଙ୍କ ରଣନୀତି ସମ୍ପର୍କରେ ପଚରାଯାଇଥିଲା। ଏହାର ଉତ୍ତରରେ ଲୋକଙ୍କ ନିକଟକୁ ଯିବା ପରେ ସେ ବହୁତ ଭଲ ଅନୁଭବ କରୁଛନ୍ତି ବୋଲି କହିଛନ୍ତି। ରାଜ୍ୟର ଶାସକ ଦଳ ରାଜନୀତିକୁ ଯେପରି କଳୁଷିତ କରିଦେଇଛନ୍ତି, ତେଣୁ ଏହାକୁ ବଦଳାଇ ଲୋକମାନଙ୍କ ପାଇଁ ସକାରାତ୍ମକ ଭାବେ କାର୍ଯ୍ୟ କରିବା ସହ ଉନ୍ନତି ଆଣିବାର ଇଚ୍ଛା ରହିଛି। ଗଲା ପଞ୍ଚାୟତ ନିର୍ବାଚନର ଫଳ ବିଏମ୍‌ସି ନିର୍ବାଚନ ଉପରେ ପଡ଼ିବ ନାହିଁ। ପଞ୍ଚାୟତରେ ଲୋକଙ୍କ ଆବଶ୍ୟକତା ସହରଠାରୁ ବହୁତ ଭିନ୍ନ। ପଞ୍ଚାୟତବାସୀ ବହୁ ସରଳ, ସେଥିଲାଗି ସେମାନଙ୍କୁ ଭୁଲାଇ ମିଛ କହି ସେମାନଙ୍କ ଭୋଟ୍ ହାତେଇବାରେ ଶାସକ ବିଜେଡି ସଫଳ ହୋଇଛି। ହେଲେ ସହରାଞ୍ଚଳ ଲୋକମାନେ ବହୁତ ଭିନ୍ନ। ସେମାନେ ସବୁକଥା ବୁଝନ୍ତି ଏବଂ ବହୁତ ଭଲରେ ଅନୁଭବ କରି ମତଦାନ ସାବ୍ୟସ୍ତ କରନ୍ତି। ଏବେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା ବିଏମ୍‌ସି ଅଞ୍ଚଳରେ ଭାଜପାର ପୋଷ୍ଟର, ବ୍ୟାନର ଏବଂ ହୋର୍ଡିଂକୁ ଚିରି ଦିଆଯାଉଛି। ଭଲ ଭଲ ଜାଗାରେ ଜାଣିଶୁଣି ବିଜେଡିକୁ ହୋର୍ଡିଂ ଲଗାଇବାକୁ ସ୍ଥାନୀୟ ପ୍ରଶାସନ ଅନୁମତି ଦେଉଥିବାବେଳେ ଭାଜପାକୁ ଏଥିରୁ ବଞ୍ଚିତ କରାଯାଉଛି। ବସ୍ତିକୁ ଯିବାପରେ ସେଠାକାର ଲୋକଙ୍କ ସହ ଆଲୋଚନା କରିବାରେ ସେଠାରେ ବହୁ ଅସୁବିଧା ରହିଥିବା ଜାଣିବାକୁ ମିଳୁଛି। ବିଜେଡି ଗତ ୨୨ବର୍ଷରେ ସେମିତି କିଛି କାର୍ଯ୍ୟ କରିନାହିଁ। ବସ୍ତିବାସିନ୍ଦାଙ୍କ ରୋଜଗାର ନାହିଁ। ବସ୍ତିରେ ନାଳ, ରାସ୍ତା ବହୁତ ଅସ୍ୱଚ୍ଛ ହୋଇ ରହିଛି। ଯେଉଁଥିଲାଗି ସେମାନେ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ଯଦି ଲୋକମାନେ ନିର୍ବାଚିତ କରନ୍ତି ତେବେ ପ୍ରାଥମିକତା ଭିତ୍ତିରେ ବସ୍ତିଗୁଡ଼ିକର ସ୍ୱଚ୍ଛତା ଦିଗରେ କାର୍ଯ୍ୟ କରିବି। ସହରାଞ୍ଚଳର ଡ୍ରେନେଜ ସମସ୍ୟା ପ୍ରଥମେ ଦୂର କରିବା ଲାଗି ଧ୍ୟାନ ଦେବା ସହ ବସ୍ତି ଅଞ୍ଚଳରେ ପାର୍କ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆବଶ୍ୟକତା ପୂରଣ କରିବାକୁ ଲକ୍ଷ୍ୟ ରଖିଛି। ଆସନ୍ତା ୨ବର୍ଷ ମଧ୍ୟରେ ବିଏମ୍‌ସିରେ ଥିବା ସମସ୍ୟାଗୁଡ଼ିକର ସମାଧାନ କରିବି ବୋଲି ସୁନୀତି କହିଛନ୍ତି।

## ୧୦, ୧୧ନ. ୱାର୍ଡରେ ବୁଲି ସମସ୍ୟା ବୁଝିଲେ

ଗୁରୁବାର ଭାଜପା ମେୟର ପ୍ରାର୍ଥିନୀ ସୁନୀତି ମୁଣ୍ଡଙ୍କ ସହ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି, ଅପରାଜିତା ଷଡ଼ଙ୍ଗୀ ପ୍ରଥମେ ୧୧ନମ୍ବର ୱାର୍ଡରେ ପ୍ରଚାର ଆରମ୍ଭ କରିଥିଲେ। ୧୧ ନମ୍ବର ୱାର୍ଡର ପ୍ରଭୁଜୀ ସ୍କୁଲଠାରୁ ପଦଯାତ୍ରା ଆରମ୍ଭ କରି ବିଭିନ୍ନ କଲୋନୀ ବୁଲିଥିଲେ। ଜିଏଲ୍, ଏଇ, ବିଏଲ୍, ଡିଏଲ୍ କଲୋନୀ ଆଦି ବୁଲି ସୁନୀତି ଲୋକଙ୍କୁ ଭାଜପା ସପକ୍ଷରେ ଭୋଟ୍ ଦେବାକୁ ଅନୁରୋଧ କରିଥିଲେ। ସେଠାରୁ ମହାବୀର ବସ୍ତି ଏବଂ ଧୃରୁକୁଟି ବସ୍ତି ଯାଇ ପଦଯାତ୍ରା ଜରିଆରେ ଭୋଟ ମାଗିବା ସହ ପଦଯାତ୍ରା ଶେଷ କରିଥିଲେ। ପଦଯାତ୍ରା ସମୟରେ ସେ ବଜାର ଲୋକଙ୍କ ସହ ବାର୍ତ୍ତାଳାପ କରିବା ପରେ ବିଭିନ୍ନ ଯୁବକ ସଂଘ ଓ ବୟସ୍କ ଲୋକଙ୍କ ସହ ଆଲୋଚନା କରି ଶାସନ ପରିବର୍ତ୍ତନ କରିବାକୁ କହିଥିବା ଦେଖିବାକୁ ମିଳିଥିଲା। ସେହିପରି ୧୦ ନମ୍ବର ୱାର୍ଡ କର୍ପୋରେଟର ପ୍ରାର୍ଥୀ ବିଜୟ କୁମାର ରାଉତଙ୍କ ସହ ସୁନୀତି ଏବଂ ସମୀର ମହାନ୍ତି କ୍ୟାମ୍ପେନ୍‌କୁ ଜୋରଦାର କରିଛନ୍ତି। ଏହି ଅବସରରେ ଅସୁସ୍ଥତା ଅନୁଭବ କରିବାରୁ ଅପରାଜିତା କ୍ୟାମ୍ପେନ ଅଧାରୁ ଛାଡ଼ି ଚାଲିଯାଇଥିବାବେଳେ ଦଳର ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ସହ ମେୟର ପ୍ରାର୍ଥିନୀ ପ୍ରଚାର କରିଥିଲେ। ପ୍ରଥମେ ଇଡ୍‌କୋ କଲୋନୀରୁ ବାହାରି ପୁରୁଷୋତ୍ତମ ବସ୍ତି ପର୍ଯ୍ୟନ୍ତ ଯାଇଥିଲେ। ଏହି ବସ୍ତିରେ ପଦଯାତ୍ରା କରି ସୁନୀତି ଲୋକଙ୍କ ପାଖକୁ ଯାଇ ଭୋଟ୍ ଭିକ୍ଷା କରିବା ସହ ଏଥର ଭାଜପାକୁ ବିଜୟୀ କରିବା ପାଇଁ ଅନୁରୋଧ କରିଥିଲେ। ପୁରୁଷୋତ୍ତମ ବସ୍ତି ପ୍ରଚାର ଶେଷ କରି ସେଠାରୁ ଜଗନ୍ନାଥ କଲୋନୀ, ମଣିନାଗେଶ୍ୱର ବସ୍ତି, ଆଖଣ୍ଡଳମଣୀ ବସ୍ତି, ହାଡ଼ବାଇ ବସ୍ତି, ଭୋଟପଡ଼ା ଗାଁ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଅଞ୍ଚଳ ଦେଇ ଝରଣା ବସ୍ତିର କ' ଏବଂ ଖ' ଅଞ୍ଚଳରେ ରାଲି ଏବଂ କ୍ୟାମ୍ପେନ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର କଟକ ସାକାର ଲକ୍ଷ୍ୟ



ବିଜେଡିର ମେୟର ପ୍ରାର୍ଥୀ ସୁବାସ ସିଂ ଦଳୀୟ କର୍ପୋରେଟ୍ ପ୍ରାର୍ଥୀଙ୍କ ସହ ପ୍ରଚାର କରୁଛନ୍ତି।

**କଟକ ଅଫିସ, ୧୭।୩**

କଟକ ମହାନଗର ନିଗମ(ସିଏମ୍‌ସି) ବିଜେଡି ମେୟର ପ୍ରାର୍ଥୀ ସୁବାସ ସିଂ ପ୍ରଚାରକୁ ଜୋରଦାର କରିଛନ୍ତି। ଗୁରୁବାର ଏକ ରାଲିରେ ବାହାରି ସହରର ବିଭିନ୍ନ ସ୍ଥାନ ପରିକ୍ରମା କରି ଭୋଟରଙ୍କୁ ଭେଟିବା ସହ ତାଙ୍କୁ ଜିତାଇବାକୁ ନିବେଦନ କରିଥିଲେ। ପ୍ରଚାର ସମୟରେ ସିଂଙ୍କୁ ଧରିତ୍ରୀ ପ୍ରତିନିଧି ଭେଟି ନିର୍ବାଚନ ରଣନୀତି ଏବଂ ସହରର ବିକାଶ ପରିକଳ୍ପନା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସଭା ସଦସ୍ୟ ଥାଇ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ କଟକ ଭଳି ଐତିହ୍ୟ ସହରର ମେୟର ପ୍ରାର୍ଥୀ କରିଥିବାରୁ ସେ ଚିର ଋଣୀ ବୋଲି କହିଛନ୍ତି। ଏଥିସହ ଆଗାମୀ ଦିନରେ ଯଦି ସେ ମେୟର ଭାବେ ବିଜୟୀ ହୁଅନ୍ତି ତେବେ ସହରର ନାନା ମୌଳିକ ସମସ୍ୟାକୁ ସମାଧାନ କରିବାକୁ ଗୁରୁତ୍ୱ ଦେବେ। ସେ ଆହୁରି କହିଛନ୍ତି, କଟକ ହେଉଛି ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମସ୍ଥଳୀ। କଟକକୁ ନୂତନ ରୂପରେ ଗଢ଼ିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରୟାସ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ମୋତେ ମେୟର ପ୍ରାର୍ଥୀ କରାଇଛନ୍ତି। କଟକର ରୂପରେଖ ପରିବର୍ତ୍ତନ ପାଇଁ ମୁଖ୍ୟମନ୍ତ୍ରୀ ୧୦ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏଇଥିରୁ ମୁଖ୍ୟମନ୍ତ୍ରୀଙ୍କ କଟକ ପ୍ରତି ଥିବା ଆନ୍ତରିକତା ସ୍ପଷ୍ଟ ଜଣା ପଡୁଛି। ଯଦି ମୁଁ ନିର୍ବାଚିତ ହୁଏ ସହରରେ ଡ୍ରେନେଜ ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ନେବା ସହ ଖୋଲା ଡ୍ରେନଗୁଡ଼ିକୁ ସ୍ଲାବ ଦ୍ୱାରା ଘୋଡ଼ାଯିବା ଦରକାର। ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାର ମଧ୍ୟ ଆବଶ୍ୟକ ରହିଛି। ଏସବୁ କରିବା ପାଇଁ ପ୍ରଶାସକଙ୍କ ସହଯୋଗ ଆବଶ୍ୟକ। ମୁଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ୧୦ ବର୍ଷ ଧରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ରହିବା ସହ ମୋର ସେ ଅଭିଜ୍ଞତା ରହିଛି। ମୁଖ୍ୟମନ୍ତ୍ରୀ ଗରିବ ଓ ବସ୍ତି ବାସିନ୍ଦାଙ୍କ ପାଇଁ ନାନା କଲ୍ୟାଣକାରୀ ଯୋଜନା କରିଛନ୍ତି। ଭାରତର ଏକ ମାତ୍ର ରାଜ୍ୟ ଯେଉଁଠାରେ ଜାଗା ମିଶନ ଯୋଜନାରେ ଗରିବଙ୍କୁ ଜମି ଯୋଗାଇ ଦିଆଯାଇଛି। ବିଭିନ୍ନ ବସ୍ତି ଉଚ୍ଛେଦ କରାଯାଇ ବିସ୍ଥାପିତଙ୍କୁ ଜମି ଦିଆଯିବା ସହ ଘର କରିବା ପାଇଁ ୫୦ ହଜାର ଟଙ୍କା, ପିଇବା ପାଣି, ଇଲେକ୍ଟ୍ରିସିଟି ମଧ୍ୟ ଯୋଗାଇ ଦିଆଯାଇଛି। ଏଣୁ ସହରରେ ଥିବା ପଞ୍ଜୀକୃତ ଓ ଅଣପଞ୍ଜୀକୃତ ବସ୍ତିବାସିନ୍ଦା ତାଙ୍କ ଭୋଟ ବିଜେଡି ମେୟର ପ୍ରାର୍ଥୀଙ୍କୁ ଦେବେ ବୋଲି ମୁଁ ଆଶାବାଦୀ। ବିରୋଧୀ କେବଳ ଭାଷଣବାଜି କରି ଆସିଛନ୍ତି। ସହରରେ ବହୁ ଉନ୍ନୟନମୂଳକ ପ୍ରକଳ୍ପମାନ ଆରମ୍ଭ ହୋଇଛି। ସହରର ମହାନଦୀ ପଠା ଠାରେ ୪୨୩ ଏକର ଜମି ଉପରେ ୫୦୦କୋଟି ଟଙ୍କା ବ୍ୟୟ କରାଯାଇଛି। ଖୁବ୍‌ଶୀଘ୍ର ସେଠାରେ ଅତ୍ୟାଧୁନିକ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭାରମ୍ଭ ହେବାକୁ ଯାଉଛି। ତେବେ ଦଳ ମଧ୍ୟରେ ଥିବା ଅସନ୍ତୁଷ୍ଟଙ୍କୁ ବୁଝାଶୁଝା କରାଯାଇଛି ଓ ଯେଉଁମାନେ ଦଳ ବିରୁଦ୍ଧ କାର୍ଯ୍ୟରେ ଲିପ୍ତ ଥିବା ପ୍ରମାଣ ମିଳିଛି ସେମାନଙ୍କୁ ଦଳରୁ ନିଲମ୍ବିତ କରାଯାଇଛି।

## ୩୨ ନଂ. ୱାର୍ଡରେ ଭାଜପା ଷ୍ଟାର୍ ପ୍ରଚାରକ



୩୨ ନମ୍ବର ୱାର୍ଡର ଭାଜପା କର୍ପୋରେଟର ପ୍ରାର୍ଥୀଙ୍କ ପାଇଁ ଷ୍ଟାର ପ୍ରଚାରକ ପିଙ୍କି ପ୍ରଧାନ ଓ ଜଗନ୍ନାଥ ପ୍ରଧାନ ପ୍ରଚାର କରୁଛନ୍ତି।

**ଭୁବନେଶ୍ୱର, ୧୭।୩(ବ୍ୟୁରୋ):** ରାଜଧାନୀରେ ପୌର ନିର୍ବାଚନକୁ ସରସରମ କରୁଛି ଷ୍ଟାର୍ ପ୍ରଚାରକଙ୍କ ପ୍ରଚାର। ଗୁରୁବାର ୩୨ ନମ୍ବର ୱାର୍ଡର କର୍ପୋରେଟର ପ୍ରାର୍ଥୀ ପ୍ରଭାତ କୁମାର ମାର୍ଥାଙ୍କ ନେତୃତ୍ୱରେ ଏକ ବିଶାଳ ପଦଯାତ୍ରାରେ ଭାଜପା ନେତ୍ରୀ ତଥା ଷ୍ଟାର ପ୍ରଚାରକ ପିଙ୍କି ପ୍ରଧାନ ଓ ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ସେଣ୍ଟ୍ରାଲ ଭାଜପା କାର୍ଯ୍ୟାଳୟରୁ ପଦଯାତ୍ରା ଆରମ୍ଭ କରି ବ୍ରିଟ୍ କଲୋନିରେ ଘରକୁ ଘର ବୁଲି ଦଳୀୟ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ଦଳୀୟ ପ୍ରାର୍ଥୀ ମାର୍ଥା ଓ ବରିଷ୍ଠ ନେତା ପ୍ରଧାନ ୱାର୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକଙ୍କ ଠାରୁ ପଚାରି ବୁଝିଥିଲେ। ଏହି ପଦଯାତ୍ରାରେ ଦଳର ବହୁ ମହିଳା କାର୍ଯ୍ୟକର୍ତ୍ତା ସାମିଲ ହୋଇ ମାର୍ଥାଙ୍କୁ ଚଳିତ ନିର୍ବାଚନରେ ବିଜୟୀ କରିବା ପାଇଁ ନିବେଦନ କରିଥିଲେ।

## ବିକାଶମୂଳକ କାର୍ଯ୍ୟ ହାତକୁ ନେବାକୁ ପ୍ରତିଶ୍ରୁତି

**ଭୁବନେଶ୍ୱର, ୧୭।୩(ବ୍ୟୁରୋ):** ୩୯ ନଂ ୱାର୍ଡ ପାଇଁ କଂଗ୍ରେସ କର୍ପୋରେଟର ପ୍ରାର୍ଥିନୀ ହୋଇଥିବା ଲିଜା ମହାନ୍ତି ଗୁରୁବାର ଶାସ୍ତ୍ରୀନଗର ଏବଂ ନୂଆ ସାହି ଅଞ୍ଚଳରେ ପ୍ରଚାର କରିଛନ୍ତି। ୧୩,୭୪୫ ଭୋଟର ବିଶିଷ୍ଟ ଏହି ୱାର୍ଡରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି। ଏନେଇ ଲିଜା କହିଛନ୍ତି, ୱାର୍ଡର ସର୍ବାଙ୍ଗୀନ ବିକାଶ ଦିଗରେ କାର୍ଯ୍ୟ କରିବା ନେଇ ସେ ଲୋକଙ୍କ ପାଖକୁ ଯାଉଛନ୍ତି। ୱାର୍ଡରେ ଡ୍ରେନେଜ ଓ ସ୍ୱେରେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ରହିଛି। ଲିଙ୍ଗରାଜ କଲ୍ୟାଣ ମଣ୍ଡପକୁ ଭଙ୍ଗାଯିବା ପରେ ଏବେ ସେଠି କୌଣସି ଉନ୍ନତିମୂଳକ କାର୍ଯ୍ୟ ହାତକୁ ନିଆଯାଇ ନାହିଁ। ଏହି ଜାଗାରେ ୭ ଗୋଟି ପ୍ରକଳ୍ପ ଯଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପାଠାଗାର, କମ୍ୟୁନିଟି ହଲ୍, ଜିମ୍, ପାର୍କ, ବ୍ୟବସାୟୀଙ୍କ ପାଇଁ ଭେଣ୍ଡିଂ ଜୋନ୍ ଆଦି ନିର୍ମାଣ ପ୍ରସ୍ତାବ ତଥା ବସ୍ତି ଉନ୍ନତୀକରଣ ଦିଗରେ କାର୍ଯ୍ୟ କରିବା ନେଇ ଲୋକଙ୍କ ପାଖକୁ ଯାଉଛି।



ଲୋକଙ୍କଠାରୁ ଭୋଟ ଭିକ୍ଷା କରୁଛନ୍ତି କଂଗ୍ରେସ ପ୍ରାର୍ଥୀ।

## କର୍ପୋରେଟର, ମେୟର ପ୍ରାର୍ଥୀଙ୍କ ପାଇଁ ବିଧାୟକଙ୍କ ପ୍ରଚାର



ଦଳୀୟ ପ୍ରାର୍ଥୀଙ୍କ ପାଇଁ ବିଧାୟକ ପ୍ରଚାର କରୁଛନ୍ତି।

ଭୁବନେଶ୍ୱର, ୧୭।୩(ବ୍ୟୁରୋ): ଚଳିତ ପୌର ନିର୍ବାଚନରେ ଭୁବନେଶ୍ୱର ମହାନଗର ନିଗମ( ବିଏମ୍‌ସି) ନିର୍ବାଚନରେ ୱାର୍ଡ ନଂ ୨, ୨୬, ୧୩, ୯, ୧୨ ଓ ୧ ର ବିଜେଡି କର୍ପୋରେଟର ପ୍ରାର୍ଥୀ ଓ ପ୍ରାର୍ଥିନୀ ଯଥା ମୋନାଲିସା ବେହେରା, ଭାରତୀ ସିଂ, ଗୀତାଞ୍ଜଳି ବେହେରା, ସୂର୍ଯ୍ୟକାନ୍ତ ଜେନା, ଜୟନ୍ତୀ ସାହୁ, ମିହିର ରାଉତ ନିର୍ବାଚନୀ ସଭା ମାଧ୍ୟମରେ ଜୋର୍‌ଦାର ପ୍ରଚାର ଚଳାଇଛନ୍ତି। ଏହି ପ୍ରଚାରରେ ଭୁବନେଶ୍ୱର ମେୟର ପ୍ରାର୍ଥିନୀ ସୁଲୋଚନା ଦାସଙ୍କ ପାଇଁ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ନିର୍ବାଚନୀ ସଭା ମାଧ୍ୟମରେ ଉପସ୍ଥିତ ଜନସାଧାରଣଙ୍କଠାରୁ ଭୋଟ ଭିକ୍ଷା କରିଥିଲେ। ଏଥିରେ ୱାର୍ଡକୁ ଆହୁରି ବିକଶିତ କରିବା ପାଇଁ ଦଳୀୟ ଚିହ୍ନରେ ଭୋଟ ଦେବାପାଇଁ ବିଧାୟକ ଓ ପ୍ରାର୍ଥୀମାନେ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ସଭାରେ ଅନ୍ୟତମ ମୁଖ୍ୟ ଅତିଥି ଭାବରେ ପାଲଲହଡ଼ାର ବିଧାୟକ ମୁକେଶ ପାଲ, ପର୍ଯ୍ୟବେକ୍ଷକ ବିଶ୍ୱରଞ୍ଜନ ମଲ୍ଲିକ, ସୁବାସ ପାତ୍ର, ସନ୍ତୋଷ ନାଥ, ସୌଭାଗ୍ୟ ବାରିକ ଯୋଗଦେଥିଲେ।

## ରାଜ୍ୟ ଖବର

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କପିଲ, ନନ୍ଦିତା



ନବୀନ ନିବାସଠାରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହାସ୍ୟ ଅଭିନେତା କପିଲ୍ ଶର୍ମା ଓ ଅଭିନେତ୍ରୀ ନନ୍ଦିତା ଦାସ ସାକ୍ଷାତ୍ କରୁଛନ୍ତି।

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

ହାସ୍ୟ ଅଭିନେତା କପିଲ ଶର୍ମା ଗୁରୁବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରିଛନ୍ତି। ଏହି ଅବସରରେ ବଲିଉଡ ଅଭିନେତ୍ରୀ ତଥା ନିର୍ଦ୍ଦେଶିକା ନନ୍ଦିତା ଦାସ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ଏହି ସୌଜନ୍ୟମୂଳକ ସାକ୍ଷାତ୍ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। କପିଲ ଶର୍ମା ନନ୍ଦିତା ଦାସଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ରରେ ଅଭିନୟ କରୁଛନ୍ତି। ପ୍ରାୟ ମାସେ ହେବ ସେ ଭୁବନେଶ୍ୱରରେ ରହି ଏହି ଫିଲ୍ମ ଶୁଟିଂ କରୁଛନ୍ତି। ଉକ୍ତ ଚଳଚ୍ଚିତ୍ରରେ କପିଲ ଶର୍ମା ଏକ ଡେଲିଭରି ବୟ ଭୂମିକାରେ ଅଭିନୟ କରୁଛନ୍ତି।

## କୋଟିପତି ଡ୍ରେନେଜ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଗିରଫ

### ଆୟର ୫୦୮% ଅଧିକ ସମ୍ପତ୍ତି ଠାବ

**ଭୁବନେଶ୍ୱର, ୧୭।୩(ବ୍ୟୁରୋ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ଜିଲା ଗଣ୍ଡରପୁର ଡ୍ରେନେଜ୍ ଡିଭିଜନର ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ବେହେରାଙ୍କ ଘର ସମେତ ୪ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଯାଞ୍ଚ ପରେ ତାଙ୍କ ସମ୍ପତ୍ତିର ମୂଲ୍ୟ ୪ କୋଟି ୨୬ ଲକ୍ଷ ୪୪ ହଜାର ୯୪୧ ଟଙ୍କା ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଠାବ ହୋଇଥିବା ସମ୍ପତ୍ତି ସଂକ୍ରାନ୍ତରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୭/୨୨) ରୁଜୁ କରାଯାଇ ଗୁରୁବାର ମନୋଜଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କ ସ୍ତ୍ରୀ ଦେବସ୍ମିତା ବେହେରାଙ୍କ ନାମରେ ମଧ୍ୟ ମାମଲା ରୁଜୁ କରାଯାଇଛି। ମନୋଜଙ୍କୁ କଟକ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଠାବ ହୋଇଥିବ ସମ୍ପତ୍ତି ମନୋଜଙ୍କ ଆୟର ୫୦୮ ପ୍ରତିଶତ ଅଧିକ ହୋଇଥିବାବେଳେ ଏହି ମାମଲାରେ ଅଧିକ ତଦନ୍ତ କରାଯାଉଥିବା ଭିଜିଲାନ୍ସ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛି।

## ସମିତିସଭ୍ୟାଙ୍କ ଶ୍ୱଶୁରଙ୍କୁ ହତ୍ୟା

**ସିମୁଳିଆ, ୧୭।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ଥାନା ବଡଜୟୀପୁର ଅଞ୍ଚଳରେ ନିର୍ବାଚନ ପରବର୍ତ୍ତୀ ହିଂସାରୁ ଏକ ହତ୍ୟାକାଣ୍ଡ ଘଟିଛି। ଖଇରା ବ୍ଲକ ବଡଜୟୀପୁର ପଞ୍ଚାୟତର ଭାଜପା ସମର୍ଥିତ ସମିତିସଭ୍ୟ ପାର୍ବତୀ ସେଠୀଙ୍କ ଶ୍ୱଶୁର ଉପେନ୍ଦ୍ର ସେଠୀ(୬୫)ଙ୍କୁ ମାଡ଼ ମାରି ହତ୍ୟା କରାଯାଇଛି। ଏହି ଘଟଣାକୁ ନେଇ ଭାଜପା ଓ ବିଜେଡି ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜୋର ଧରିଛି। ଉପେନ୍ଦ୍ରଙ୍କ ପୁଅ ରାଜୁପ୍ରସାଦଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ବଡ଼ଜୟୀପୁର ଅଞ୍ଚଳର ଘନଶ୍ୟାମ ବାରିକ, ଚନ୍ଦନ ସେଠୀ, ଗୌତମ ସେଠୀ, ପ୍ରଶାନ୍ତ ବାରିକ, ଭଗବାନ ସେଠୀ ଓ ଜୟନ୍ତ ବେହେରାଙ୍କ ନାମରେ ମାମଲା (ନଂ.୧୦୦/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଉପେନ୍ଦ୍ରଙ୍କୁ ହତ୍ୟା ଅଭିଯୋଗରେ ଭାଜପା ପକ୍ଷରୁ ଗୁରୁବାର ସିମୁଳିଆ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ସମେତ ଖଇରା ଓ ସିମୁଳିଆ ଅଞ୍ଚଳର ବହୁ କର୍ମକର୍ତ୍ତା ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ। ସିମୁଳିଆ ଥାନା ଅଧିକାରୀ ଜୟନ୍ତ କୁମାର ବେହେରା ଓ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ପ୍ରତିଶ୍ରୁତି ଦେବା ପରେ ଭାଜପା କର୍ମୀମାନେ ବିକ୍ଷୋଭରୁ ବିରତ ରହିଥିଲେ।

ଅଭିଯୋଗ ଅନୁଯାୟୀ, ବୁଧବାର ରାତିରେ ଉପେନ୍ଦ୍ର ନିଜ ପାନ ଦୋକାନରେ ବସିଥିବା ବେଳେ ନିର୍ବାଚନକୁ କେନ୍ଦ୍ର କରି ସେଠାରେ ପ୍ରଥମେ ବଚସା ହୋଇଥିଲା। ଅଭିଯୁକ୍ତମାନେ ଉପେନ୍ଦ୍ରଙ୍କୁ ଦୋକାନରୁ ଟାଣିନେଇ ମାଡ଼ ମାରିଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପୁତ୍ର ରାଜୁପ୍ରସାଦ ଅଭିଯୋଗରେ ଦର୍ଶାଇଛନ୍ତି।



ସିମୁଳିଆ ଥାନା ସମ୍ମୁଖରେ ଭାଜପାର ବିକ୍ଷୋଭ।

### ମନ୍ତ୍ରୀଙ୍କ ସମ୍ପୃକ୍ତି ଅଭିଯୋଗକୁ ନେଇ ତୀବ୍ର ପ୍ରତିକ୍ରିୟା

**ଖଇରା, ୧୭।୩(ଡି.ଏନ.ଏ.)**

ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ବଡଜୟୀପୁର ପଞ୍ଚାୟତର ସମିତିସଭ୍ୟା ଶ୍ୱଶୁରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପକ୍ଷରୁ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମ୍ପୃକ୍ତି ଥିବା ନେଇ ମିଥ୍ୟା ଅଭିଯୋଗ କରାଯାଇଛି। ଏହାକୁ ନେଇ ଖଇରା ବିଜେଡି ତୀବ୍ର ପ୍ରତିକ୍ରିୟା ରଖିଛି। ପୋଲିସ ତଦନ୍ତ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଉପରେ ଭରସା ନ ରଖି ମନ୍ତ୍ରୀଙ୍କୁ ଅଯଥା ବଦନାମ କରିବାକୁ ହୀନ ଉଦ୍ୟମ କରାଯାଉଛି ବୋଲି ୬ନଂ. ଜୋନର ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର କହିଛନ୍ତି। ମନ୍ତ୍ରୀଙ୍କୁ ବିବାଦ ଘେରକୁ ଟାଣିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ କ୍ରିଷ୍ଣା



@ କିରନ୍



@ ଅନୀଲ



@ ବିକ୍ରମ



@ ମନୋରମା



@ ଅଶୋକ

# ଖଣି ମାଫିଆଙ୍କ ସହ ତହସିଲଦାରଙ୍କ ସମ୍ପୃକ୍ତି ଅଭିଯୋଗ

**ଖୋର୍ଦ୍ଧା ଅଫିସ/ଜଟଣୀ, ୧୭।୩(ଡି.ଏନ୍.ଏ.)**

■ ନିଲମ୍ବିତ କର୍ମଚାରୀ ଆଣିଲେ ଅଭିଯୋଗ

■ ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

ଲଘୁ ଖଣିଜ ସମ୍ପଦ ଚୋରାଚାଲାଣରେ ମାଫିଆଙ୍କ ସହ ଅର୍ଥ କାରବାର ସମ୍ପୃକ୍ତି ନେଇ ଖୋର୍ଦ୍ଧା ଜିଲା ଜଟଣୀ ତହସିଲରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀ ତଥା ପ୍ରୋଗ୍ରାମ ସର୍ଭରଙ୍କୁ ବୁଧବାର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ନିଲମ୍ବନ କରିଛନ୍ତି। ନିଲମ୍ବିତ କର୍ମଚାରୀ ହେଲେ ବିଜୟ କୁମାର ଦାସ। ଅନ୍ୟପଟେ ଖଣି ମାଫିଆଙ୍କ ସହ ତହସିଲଦାର ତପନ ମହାପାତ୍ରଙ୍କ ସମ୍ପୃକ୍ତି ଥିବା ନେଇ ବିଜୟ ଅଭିଯୋଗ ଆଣିଛନ୍ତି। ଏହାର ନିରପେକ୍ଷ ତଦନ୍ତ ଲାଗି ସେ ଖୋର୍ଦ୍ଧା ଦୁର୍ନୀତି ନିବାରଣ ସଂସ୍ଥା ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଜଟଣୀ ତହସିଲ ଅଫିସରେ ବିଜୟ ପ୍ରୋଗ୍ରାମ ସର୍ଭର ଭାବେ କାର୍ଯ୍ୟ କରନ୍ତି। ଏହି ତହସିଲର ବିଭିନ୍ନ ମୌଜା ଅନ୍ତର୍ଗତ ଖଣି ଅଞ୍ଚଳରେ ଚାଲିଥିବା ବେଆଇନ ଚାଲାଣକାରୀଙ୍କ ସହ ତହସିଲଦାର ମହାପାତ୍ର ଜଡିତ ରହିଛନ୍ତି। ସେମାନଙ୍କ ଠାରୁ ତହସିଲଦାର ମାସିକିଆ ବଟି ନେବା ସହ ଖଣି ମାଫିଆଙ୍କ ଠାରୁ ଟଙ୍କା ଆଦାୟ କରିବା ପାଇଁ ତାଙ୍କୁ ପଠାଇଥାନ୍ତି। ଧରାପଡିଯିବା ଭୟରେ ମୋ ବିରୋଧରେ ତହସିଲଦାର ଜିଲାପାଳଙ୍କୁ ମିଥ୍ୟା ରିପୋର୍ଟ ଦେଇଛନ୍ତି। ଫଳରେ ଚାକିରିରୁ ମୋତେ ନିଲମ୍ବନ କରାଯାଇଛି ବୋଲି ବିଜୟ ଏତଲାରେ ଦର୍ଶାଇଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ତହସିଲଦାର ମହାପାତ୍ର କହିଛନ୍ତି, ତହସିଲରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର ରଞ୍ଜନ କୁମାର ମହାପାତ୍ର, ପିଅନ ପ୍ରମୋଦ କୁମାର ରଣସିଂ, ଡ୍ରାଇଭର ନାରାୟଣ ଡେଙ୍ଗ, ରଞ୍ଜନ କୁମାର ବରାଳ ଏବଂ ପୌର ପରିଷଦର ଡାଟା ଏଣ୍ଟ୍ରି ଅପରେଟର ଜ୍ୟୋତିରଞ୍ଜନ ରାଉତରାୟ, ପିଅନ ପ୍ରତାପ କୁମାର ଜେନା ଓ ତାଙ୍କଠାରୁ ବିଜୟ ଅନେକ ଥର ଟଙ୍କା ନେଇଛନ୍ତି। ଏଥିସହ ତହସିଲରେ ଜମିଜମା ସଂକ୍ରାନ୍ତୀୟ ଅନେକ ମାମଲା ଫଇସଲାରେ ମୋ ନାଁ କହି ଲକ୍ଷାଧିକ ଟଙ୍କା ନେଇଛନ୍ତି। ପଲାସପୁର ମୌଜା ଓଏଲଆର ୮ଏ କେସ୍ ନଂ.୫୪୮/୨୧, ୫୫୩/୫୫୪/୫୫୫/୫୫୬/୫୫୨/ ୨୦୨୧ ବାବଦ କିସମ ଓ ସ୍ୱତ୍ୱ ପରିବର୍ତ୍ତନ କରିବା ନିମନ୍ତେ ୨ଲକ୍ଷ ଟଙ୍କା ଲାଞ୍ଚ ବିଜୟ ନେଇଛନ୍ତି। ଖଣି ମାଫିଆଙ୍କ ଗାଡି ଅଟକାଇ ସେମାନଙ୍କ ଠାରୁ ଆଣିଥିବା ଟଙ୍କା ଆଦାୟ ଲାଗି ଧମକ ଦେଇଥାନ୍ତି। ବିଜୟ ମୋ ବିରୋଧରେ ଆସଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ। ସ୍କ୍ୱାଡ୍ ଚଢ଼ାଉ ପୂର୍ବରୁ ବିଜୟ ମାଫିଆଙ୍କୁ ଆଗୁଆ ସୂଚନା ଦେଇଥାନ୍ତି। ଏପରିକି ତହସିଲଦାରଙ୍କ ନାଁ କହି ମାଫିଆଙ୍କ ଠାରୁ ଅର୍ଥ ନେଉଥିବା ଅଭିଯୋଗ ଆସିଥିଲା। ମାଫିଆଙ୍କଠାରୁ ଗୁଗଲ ପେ ମାଧ୍ୟମରେ ବିଜୟ ଅର୍ଥ ନେଇଥିବା ଧରାପଡିବା ପରେ ତାଙ୍କ ବିରୋଧରେ ଜିଲାପାଳଙ୍କୁ ରିପୋର୍ଟ କରାଯାଇଥିଲା। ଅନ୍ୟପକ୍ଷରେ ଜିଲାପାଳ ମହାପାତ୍ର କହିଛନ୍ତି, ଘଟଣାର ତଦନ୍ତ ଲାଗି ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୨୦ କେଜି ଗଞ୍ଜେଇ ଜବତ: ଯୁବକ ଗିରଫ

**ଜଟଣୀ, ୧୭।୩(ଡି.ଏନ୍.ଏ.)**

ଗଞ୍ଜେଇ ଚାଲାଣ ଅଭିଯୋଗରେ ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଲୱେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ମନୋଜ କୁମାର ବେହେରା(୨୫)। ତାଙ୍କ ନିକଟରୁ ୨୦କେଜି ୯୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୯ ହଜାର ଟଙ୍କା ହେବ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୧/୨୨)ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତ ଜଣକ ଅହମ୍ମଦାବାଦକୁ ଗଞ୍ଜେଇ ଚାଲାଣ କରିବା ପାଇଁ ରେଳ ଷ୍ଟେଶନରେ ଅପେକ୍ଷା କରିଥିଲେ। ପୋଲିସର ସନ୍ଦେହ ହେବାରୁ ତାଙ୍କୁ ପଚରାଉଚରା କରିଥିଲା। ପରେ ତାଙ୍କ ନିକଟରୁ ଗଞ୍ଜେଇ ଜବତ କରିଥିଲା।

# ପ୍ରତିଶ୍ରୁତି ପରେ ଅନଶନରୁ ଓହରିଲେ ଚାଷୀ

**ଖୋର୍ଦ୍ଧା ଅଫିସ, ୧୭।୩**

ଖୋର୍ଦ୍ଧା ଜିଲାରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ମଣ୍ଡିରେ ଧାନକିଣା ଅବଧି ସରିଆସୁଥିବା ବେଳେ ଅଧିକାଂଶ ଚାଷୀଙ୍କ ଟୋକନ ଲାପ୍ସ କରିଯାଇଛି। ତେବେ ଟୋକନ ଲାପ୍ସ କରିଯାଇଥିବା ଚାଷୀଙ୍କ ଧାନ କିଣାଯିବା ଦାବିରେ ଗତ ୩ଦିନ ହେବ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାନ ବୋଝେଇ ଗାଡ଼ି ରଖି ନବନିର୍ମାଣ କୃଷକ ସଙ୍ଗଠନର ଚାଷୀମାନେ ଅନଶନରେ ବସିଥିଲେ। ଗୁରୁବାର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଜିଲା ଯୋଗାଣ ବିଭାଗ ଅଧିକାରୀ ସୁଗୁଡ଼ା ମୁର୍ମୁଙ୍କ ସହ ସଙ୍ଗଠନର ଏକ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ପ୍ରତିଶ୍ରୁତି ମିଳିବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିବା ନେଇ ସଙ୍ଗଠନର ଜିଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଜିଲାରେ ଧାନକିଣା ବହୁ ବିଳମ୍ବରେ ଆରମ୍ଭ ହୋଇଥିଲା। ଧାନ ଗୁଣାତ୍ମକ ମାନ ନ ଥିବା ଦର୍ଶାଇ ମିଲର୍ସ ଧାନ ଉଠାଇଲେ ନାହିଁ। ଏହାପର ଠାରୁ ଏକାଧିକ ମଣ୍ଡିରେ ଏଭଳି ସମସ୍ୟା ଲାଗି ରହିଛି। ଜାନୁୟାରୀ, ଫେବୃୟାରୀ ଟୋକନ ଲାପସ ଯୋଗୁ ଜିଲାର ଏକାଧିକ ମଣ୍ଡିରେ ଚାଷୀ ଧାନବିକ୍ରିରୁ ବଞ୍ଚିତ ହୋଇଛନ୍ତି। ଚାଷୀଙ୍କର ପ୍ରାୟ ୧୦ହଜାର କୁଇଣ୍ଟାଲ ଧାନ ବିକ୍ରି ହୋଇପାରୁନାହିଁ। ଟୋକନ ଲାପସ କରିଯାଇଥିବା କହି ସମିତି ସମ୍ପାଦକମାନେ ଧାନ କିଣିବାକୁ ମନା କରୁଛନ୍ତି। ଟାର୍ଗେଟ ଆସିଲେ, ଧାନ କିଣାଯିବ କହି ଦିନ ଗଡ଼ାଇ ଚାଲିଛନ୍ତି। ଏପଟେ ଧାନକିଣା ଅବଧି ସରି ଆସିଲାଣି, ଯାହା ଫଳରେ ଚାଷୀ ଚିନ୍ତାରେ ପଡ଼ିଛନ୍ତି।

# ସ୍କୁଲ ପ୍ରତି ଶିକ୍ଷକଙ୍କ ଅବଦାନ ଅତୁଳନୀୟ

**ବେଗୁନିଆ, ୧୭।୩(ଡି.ଏନ୍.ଏ.)**

ବେଗୁନିଆ ଥାନା ଅନ୍ତର୍ଗତ ଗେଡିଆପଲ୍ଲି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୀଳମଣି ବରାଳଙ୍କ ଅଧ୍ୟକ୍ଷତାରେ ସଭାଗୃହ ପରିସରରେ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ସୁଦର୍ଶନ ଦାସ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ପୀତବାସ ପଟ୍ଟନାୟକ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ମହାପାତ୍ର ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷକ ଲକ୍ଷ୍ମୀଧର ପଣ୍ଡା ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଉକ୍ତ ବିଦ୍ୟାଳୟରୁ କିଛିଦିନ ତଳେ ପ୍ରମୋଶନ ପାଇଥିବା ଦୁଇ ଶିକ୍ଷକ ବସନ୍ତ କୁମାର ନାଏକ ଓ ଦିବାକର ସାହୁଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷୟିତ୍ରୀ ପ୍ରଣତି ମହାପାତ୍ର, ବବିତା ନାୟକ, ଇତିଶ୍ରୀ ପଣ୍ଡାଙ୍କ ସହିତ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ବସନ୍ତ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।

# ୨୪ଘଣ୍ଟା ପରେ ବି ଅଭିଯୁକ୍ତଙ୍କ ପତ୍ତା ପାଉନି ପୋଲିସ

■ ଗହଣା ଦୋକାନ ଲୁଟ ଘଟଣା

**ଯାଁଳା, ୧୭।୩(ଡି.ଏନ୍.ଏ.):** ଭୁବନେଶ୍ୱର ଉପକଣ୍ଠ ଇନ୍ଫୋସିଟି ଥାନା ଅଧୀନ ଯାଁଳା ବଜାରରେ ଥିବା ସାଗରିକା ଜୁଏଲର୍ସରୁ ଦୁଇ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଦିନଦ୍ୱିପ୍ରହରରେ ପ୍ରାୟ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଚେନ୍, ହାର ନେଇ ଫେରାର ହୋଇଯାଇଥିଲେ। ତେବେ ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ପତ୍ତା ପାଇପାରି ନାହିଁ। ଅନ୍ୟପଟେ ଅଭିଯୁକ୍ତଙ୍କ ଧରିବା ପାଇଁ ୬ଟି ପୋଲିସ ଟିମ୍ ଗଠନ କରାଯାଇଛି। ଲୁଟେରାମାନେ ଛାଡି ଯାଇଥିବା ଗାଡିର ଇଞ୍ଜିନ ଓ ଚେଚିସ୍ ନମ୍ବର ଯାଞ୍ଚ କରି ଗାଡ଼ିର ମାଲିକକୁ ଠାବ କରାଯାଇଛି। ୧୬ନମ୍ବର ଜାତୀୟ ରାଜପଥ କଡ଼ ଓ ଜଟଣୀ ରାସ୍ତାରେ ଥିବା ସମସ୍ତ ସିସିଟିଭି ଯାଞ୍ଚ କରାଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ସୂଚନାଥାଉ କି, ଅପରାହ୍ନ ପ୍ରାୟ ୧ଟାରେ ବେଳେ ଯାଁଳା ବଜାରରେ ଥିବା କବିରାଜ ସୁବୁଦ୍ଧିଙ୍କ ସାଗରିକା ଗହଣା ଦୋକାନରୁ ଏକ ବଡ଼ ଧରଣର ଲୁଟ୍ ହୋଇଥିଲା। ଲଟେରାମାନେ ଗୁଳି ଫୁଟାଇ ୨୦ଲକ୍ଷ ଟଙ୍କାର ଗହଣା ଲୁଟି ନେଇ ଫେରାର ହୋଇଯାଇଥିଲେ। ଫେରାର ହେବା ସମୟରେ ସେମାନଙ୍କ ଗାଡି ଷ୍ଟାଟ ହୋଇନଥିଲା। ସେହି ସମୟରେ ଜଣେ ଡେଲିଭେରି ବୟ ଉକ୍ତ ରାସ୍ତାରେ ଯାଉଥିଲେ। ତାଙ୍କୁ ଅଟକାଇ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କ ଠାରୁ ବାଇକ୍ ଛଡ଼ାଇ ନେଇ ସେଠାରୁ ଫେରାର ହୋଇଯାଇଥିଲେ।

# ଦୋଳ ପୂର୍ଣ୍ଣିମା ପାଇଁ ଗାଁ ଉତ୍ସବମୁଖର

**ବେଗୁନିଆ, ୧୭।୩(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଆନ୍ତର୍ଗତ ଗାଁରେ ଦୋଳ ପାଳିବାକୁ ଲୋକେ ପ୍ରସ୍ତୁତି ଆରମ୍ଭ କରିସାରିଲେଣି। ବଜାରରେ ରଙ୍ଗ ଦୋକାନଗୁଡିକରେ ଭିଡ ଜମିଲାଣି। ସେହିପରି ଠାକୁରଙ୍କ ଅପେକ୍ଷାରେ ଦୋଳ ମେଳଣପଡିଆ ସଜେଇ ହେଉଛି। ସୂଚନା ଥାଉକି, ପ୍ରତିବର୍ଷ ମନ୍ଦିରରେ ଠାକୁର ପୂଜା ପାଇ ଆସୁଥିବାବେଳେ ବର୍ଷକୁ ଥରେ ଦୋଳରେ ଭକ୍ତଙ୍କ ମେଳରେ ଘର ଘର ବୁଲି ଭୋଗ ଖାଇଥାନ୍ତି। ଲିଆ ମୁଆଁ, ଚଣାଭଜା, ପଟାଖଜା, ଶାକର, ଫେଣି ସହିତ ବିଭିନ୍ନ ପ୍ରକାରର ଫଳ ଆଦି ଶୁଖିଲା ଭୋଗ ଠାକୁରଙ୍କୁ ଅର୍ପଣ କରାଯାଏ। ଦୁଇବର୍ଷ ହେଲା କରୋନା ଫଳରେ ଏହି ପର୍ବ ବନ୍ଦ ରହିଥିଲା। ବୈଜ୍ଞାନିକ ଦୃଷ୍ଟି କୋଣରୁ ହୋଲି ଖେଳର ମଧ୍ୟ ତାତ୍ପର୍ଯ୍ୟ ରହିଛି। ବସନ୍ତ ଋତୁର ପ୍ରଭାବରେ ଉତ୍ତାପ ବୃଦ୍ଧି ସାଙ୍ଗକୁ ବିଭିନ୍ନ ସଂକ୍ରାମକ ରୋଗ ଶରୀରରେ ଦେଖାଦେଇଥାଏ। ଅବିର କିମ୍ବା ଫଗୁ ଶରୀରରେ ଲାଗିଲେ ଥଣ୍ଡା ଲାଗିବା ସହ ଚର୍ମ ରୋଗର ପ୍ରତିଷେଧକ ଭାବ କାମ କରିଥାଏ ବୋଲି ପରିବେଶବିତ୍ ରାଜକିଶୋର ପାଣିଗ୍ରାହୀ କହିଛନ୍ତି। ଅନ୍ୟପକ୍ଷେ ଯାତ୍ରା ପାଇଁ ପ୍ରସ୍ତୁତି ପର୍ବ ଚୂଡାନ୍ତ ହୋଇଛି। ଯାତ୍ରା ପଡିଆକୁ ବିଭିନ୍ନ ଗାଁରୁ ଠାକୁରମାନେ ଆସି ଦୋଳ ବିମାନରେ ପୂଜା ପାଇବେ। ଗାଁ କମିଟି ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ଯାତ୍ରା କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କର ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସ୍ଥିର ହୋଇଛି।

## ଶ୍ରଦ୍ଧାଞ୍ଜଳି



ସ୍ୱ ଡାକ୍ତର ପ୍ରଶାନ୍ତ କୁମାର ଦାସ
ଆବିର୍ଭାବ - ୧୭.୦୭.୧୯୪୧
ତିରୋଧାନ- ୧୨.୦୩.୨୦୨୨

ଚଳିତ ମାସ ତା.୧୨.୦୩.୨୦୨୨ ରିଖ ଶନିବାର ସକାଳ ୯.୫୦ ମି. ସମୟରେ ଡାକ୍ତର ପ୍ରଶାନ୍ତ କୁମାର ଦାସ ଭୁବନେଶ୍ୱରର କଟକ ରୋଡସ୍ଥିତ ନିଜ ବାସଭବନରେ ୮୦ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ସେ କ୍ୟାପିଟାଲ ହସ୍ପିଟାଲରେ ଜଣେ ପୂର୍ବତନ ଦକ୍ଷ E.N.T. ବିଶେଷଜ୍ଞ ଭାବେ କାର୍ଯ୍ୟ କରିଥିଲେ । ଦେଓଗଡ CDMO ଭାବେ କାର୍ଯ୍ୟ ସମାପନ କରିଥିଲେ। ସେ ମଧ୍ୟ ଜଣେ ଉଚ୍ଚକୋଟୀର ରଙ୍ଗମଞ୍ଚ କଳାକାର ଥିଲେ । "ଅକ୍ଷୟ ତୃତୀୟା", "ବନ୍ଧୁ ମହାନ୍ତି" ଓ ନିଷ୍ଠୁର ରାତିର ସାଥୀ ଆଦି ବହୁ ଚଳଚ୍ଚିତ୍ରରେ ଅଭିନୟ କରି ସୁନାମ ଅର୍ଜନ କରିଥିଲେ। ଜଣେ ମିଷ୍ଟଭାଷୀ, କର୍ମଠ ତଥା ନିସ୍ୱାର୍ଥପର ସମାଜସେବୀ ଭାବରେ ସେ ଲୋକପ୍ରିୟ ଥିଲେ। ତାଙ୍କର ଅକାଳ ବିୟୋଗରେ ପତ୍ନୀ ନଳିନୀ ପ୍ରଭା, ପୁତ୍ର ଗୌତମ,ଗୋକୁଳ, ଗୁଡୁ, ପୁତ୍ରବଧୂ ଏବଂ ନାତୁଣୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହି ଦିବଙ୍ଗତ ଆତ୍ମାର ସଦଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ନିବେଦନ କରିଛନ୍ତି।

ସମ୍ବଲପୁରୀ ବସ୍ତ୍ରାଳୟ
DSPL-421
ପବିତ୍ର ଦୋଳ ଓ ହୋଳି ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦% + ୨୦%
ତା୧୨।୦୩।୨୦୨୨ରୁ ତା୩୧।୦୩।୨୦୨୨ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.
OIPR-31032/13/0017/2122

ବିଶ୍ୱ ମୁଖଗହ୍ୱର
ସ୍ୱାସ୍ଥ୍ୟ ସଚେତନତା ଦିବସ
DSPL-427
୨୦ ମାର୍ଚ୍ଚ, ୨୦୨୨
"ଆମେ ନିଜ ସୁସ୍ଥ ମୁଖଗହ୍ୱର ପାଇଁ ଗର୍ବ ଅନୁଭବ କରିବା, ସୁସ୍ଥ ଶରୀର ପାଇଁ ନିଜ ମୁଖଗହ୍ୱରର ଯତ୍ନ ନେବା"



ପ୍ରମୁଖ ମୁଖଗହ୍ୱର ରୋଗ
- ଦନ୍ତ କ୍ଷୟ
- ମାଢ଼ିରୁ ରକ୍ତସ୍ରାବ
- ଦୁର୍ଗନ୍ଧ
- ତ୍ରୁଟିପୂର୍ଣ୍ଣ ଦାନ୍ତ
- ମୁଖ ଗହ୍ୱର କର୍କଟ

ମୁଖଗହ୍ୱରର ଯତ୍ନ ପାଇଁ କେତୋଟି ସୂଚନା
- ଦୈନିକ ୨ ଥର; ସକାଳୁ ଉଠିବା ପରେ ଓ ରାତ୍ରି ଭୋଜନ ପରେ ଦାନ୍ତ ଘଷନ୍ତୁ ଏବଂ ପ୍ରତିଥର ୫ ମିନିଟ୍ ପର୍ଯ୍ୟନ୍ତ ଘଷନ୍ତୁ ।
- ଖାଦ୍ୟ ଖାଇବା ପରେ ଭଲଭାବେ ୪-୫ ଥର କୁଳି କରନ୍ତୁ ।
- ଋତୁ ଅନୁଯାୟୀ ଉପଲବ୍ଧ ହେଉଥିବା ଫଳ ଓ ପନିପରିବା ଯଥେଷ୍ଟ ଖାଆନ୍ତୁ ।
- ତମାଖୁ ବର୍ଜନ କରନ୍ତୁ ।
- ଅନ୍ତତଃ ବର୍ଷକୁ ଥରଟିଏ ନିଜର ମୁଖ ଗହ୍ୱର ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇ ନିଅନ୍ତୁ ।
- ସରକାରୀ ଡାକ୍ତରଖାନାରେ ମୁଖଗହ୍ୱର ଚିକିତ୍ସା ଉପଲବ୍ଧ ।

ସମସ୍ତ ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚିତ ନିଅନ୍ତୁ




କରୋନା ପ୍ରତିରୋଧ ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ପାଳନ କରନ୍ତୁ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା
World Oral Health Day 20 March
facebook.com/HFWOdisha
http://www.health.odisha.gov.in/
@HFWOdisha
OIPR-10003/13/0156/2122

ଶ୍ରୀଜଗନ୍ନାଥ ବଲ୍ଲଭ ଏଣ୍ଡାଓମେଣ୍ଟ, ପୁରୀ
ସିଲ୍‌ଡ ଟେଣ୍ଡର ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମୌଜା- ବାଲୁଖଣ୍ଡ- ୧୦୯ (ଚକ୍ରତୀର୍ଥ) ସ୍ଥିତ ଶ୍ରୀ ଦରିଆ ମହାବୀର ଦେବ, ଶ୍ରୀ ଚକ୍ର ନୃସିଂହ ଦେବ ଓ ଶ୍ରୀ ପଞ୍ଚବଟି ମହାଦେବଙ୍କ ମନ୍ଦିରରେ ଯାତ୍ରୀମାନେ ଭେଟି ଆକାରରେ ଦାନ କରୁଥିବା ଅର୍ଥ ଓ ପାରିମାଣିକ ଦର୍ଶନ ଫିସ୍ ଅସୁଲ ନିମନ୍ତେ ତା୧।୪।୨୦୨୨ରିଖଠାରୁ ତା୩୧।୩।୨୩ରିଖ ପର୍ଯ୍ୟନ୍ତ ନିଲାମ ଦିଆଯିବା ପାଇଁ ସ୍ଥିର କରାଯାଇ ନିଲାମର ସର୍ବନିମ୍ନ ମୂଲ୍ୟ ଟ୩୪,୧୦,୦୦୦-୦୦ (ଚଉତିରିଶି ଲକ୍ଷ ଦଶ ହଜାର ଟଙ୍କା) ମାତ୍ର ଏବଂ ଅମାନତ ବାବଦକୁ ଟ୩,୪୧,୦୦୦-୦୦ (ତିନି ଲକ୍ଷ ଏକଚାଳିଶି ହଜାର ଟଙ୍କା) ମାତ୍ର ଧାର୍ଯ୍ୟ କରାଯାଇଅଛି । ଉକ୍ତ ନିଲାମରେ ଭାଗନେବାକୁ ଇଚ୍ଛୁକ ବ୍ୟକ୍ତି ଅମାନତ ବାବଦ ଅର୍ଥ Executive Officer, Sri Jagannath Ballav Endowments, Puriଙ୍କ ନାମରେ ଯେ କୌଣସି ଜାତୀୟକରଣ ବ୍ୟାଙ୍କରେ A/C payee Bank Draft କରି ଅନୁଷ୍ଠାନରୁ ଦରଖାସ୍ତ ଫର୍ମ ଗ୍ରହଣ କରି ଦରଖାସ୍ତ ସହିତ A/C payee Bank Draft, ନିଜର ଆଧାର କାର୍ଡ କପି ଓ ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସଂଲଗ୍ନ କରି ଜଉମୁଦା ଲଫାପାରେ ସହକାରୀ ଦେବୋତ୍ତର କମିଶନର, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ରଖାଯାଇଥିବା ସିଲ୍‌ଡ ବକ୍ସରେ ତା ୨୮।୦୩।୨୨ରିଖ ଅପରାହ୍ଣ ଘ୧.୩୦ମି. ମଧ୍ୟରେ ପକାଇପାରିବେ। ସେହିଦିନ ଅପରାହ୍ଣ ଘ୨.୦୦ଣ୍ଟା ସମୟରେ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ସିଲ୍‌ଡ ଟେଣ୍ଡରଗୁଡ଼ିକ ଖୋଲାଯିବ । ସରକାରୀ ମୂଲ୍ୟଠାରୁ ସର୍ବାଧିକ ମୂଲ୍ୟ ଅର୍ପଣ କରିଥିବା ବ୍ୟକ୍ତିଙ୍କ ନାମରେ ଟେଣ୍ଡର ଫଇସଲା କରାଯିବ ଓ ସେହି ବ୍ୟକ୍ତି ତା୨୯।୦୩।୨୨ରିଖ ଅପରାହ୍ଣ ଘ.୨.୦୦ଣ୍ଟା ସୁଦ୍ଧା ଅନୁଷ୍ଠାନର ନିର୍ବାହୀ ଅଧିକାରୀଙ୍କ ନିକଟରେ ଆକାଉଣ୍ଟ ପେୟୀ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ନିଲାମ ବାବଦ ସମସ୍ତ ଟଙ୍କା ଦାଖଲ କରିବେ । ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ ନିଲାମ ଟଙ୍କା ଦାଖଲ ନ କଲେ ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇ ଅନୁଷ୍ଠାନର ତହବିଲରେ ଜମା କରାଯିବ । କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରିପାରିବେ । ନିଲାମ ସମ୍ବନ୍ଧୀୟ ସର୍ତ୍ତାବଳୀ ଅନୁଷ୍ଠାନର କାର୍ଯ୍ୟାଳୟରୁ ସଂଗ୍ରହ କରିପାରିବେ ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ଶ୍ରୀଜଗନ୍ନାଥ ବଲ୍ଲଭ ଏଣ୍ଡାଓମେଣ୍ଟ, ପୁରୀ

**ଶୈଳବାଳାରେ ପ୍ରାଥମିକ ଚିକିତ୍ସା ତାଲିମ ଶିବିର**

**କଟକ ଅଫିସ:** ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳରେ ସପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସେଣ୍ଟ ଜନସ୍ ଆମ୍ବୁଲାନ୍ସ ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ତାଲିମ କାର୍ଯ୍ୟକ୍ରମରେ ଅଧକ୍ଷା ପ୍ରଫେସର ଡ. ସୁରେଖା ସୁନ୍ଦରୀ ସ୍ୱାଇଁ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସେଣ୍ଟ ଜନସ୍‌ର ରାଜ୍ୟ ଟ୍ରେନିଂ ଅଫିସର ଡା. ପ୍ରମୋଦ କୁମାର ମହାପାତ୍ର, ପୁରୁଷୋତ୍ତମ ଧଳ, ଡା. ଅଜୟ କୁମାର ମହାପାତ୍ର ତାଲିମ ଦେଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ କ୍ରିଷ୍ଣା



@ କିରନ୍



@ ଅନୀଲ



@ ବିକ୍ରମ



@ ମନୋରମା



@ ଅଶୋକ

# ୭ ଗାଁ ଲୋକଙ୍କ ରାସ୍ତା ଅବରୋଧ

■ଡିଲରଙ୍କ ମନମୁଖି କାର୍ଯ୍ୟକୁ ବିରୋଧ

■ରାଶନ ବଣ୍ଟନ କେନ୍ଦ୍ର ଦୂରରେ ଥିବାରୁ ଅସୁବିଧା

ନରସିଂହପୁର,୧୭।୩(ସ୍ୱ.ପ୍ର.)

ରାଶନ ଚାଉଳ ପାଇବାରେ ଅସୁବିଧା ଭୋଗୁଥିବା ଅଭିଯୋଗ କରି ନରସିଂହପୁର ବ୍ଲକ ଅନ୍ତର୍ଗତ ୭ଟି ଗାଁର ବହୁ ଲୋକ ଗୁରୁବାର ସକାଳେ କମଳାଡ଼ିହ ମୁଖ୍ୟ ରାସ୍ତାର ବାଲିସାହି ଛକରେ ରାସ୍ତାରୋକୋ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବାଲିସାହି ପଞ୍ଚାୟତ ଅନ୍ତର୍ଗତ ନୂଆଗାଁସ୍ଥିତ ସରକାରୀ ଡିଲରଙ୍କ ପାଖରୁ ନଖପଡ଼ା, ନଖପଡ଼ା ହରିଜନ ସାହି,



ବାଲିସାହି ଛକରେ ଧାରଣାରେ ବସିଥିବା ମହିଳାମାନେ।

କନାଗୁଡ଼ି, କନାଗୁଡ଼ି ହରିଜନ ସାହି, ଉପରକଟା, ନିତିକାପୁର, ନିତିକାପୁର ହରିଜନ ସାହି ଗ୍ରାମର ଲୋକେ ରାଶନ ସାମଗ୍ରୀ ନେଇଥାନ୍ତି। ମାତ୍ର ଏହି ରାଶନ ସାମଗ୍ରୀ ବଣ୍ଟନ କେନ୍ଦ୍ର ସେମାନଙ୍କ ଗାଁଠାରୁ ଦୂରରେ ଥିବାରୁ ବହୁ ସମୟରେ ହିତାଧିକାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଉକ୍ତ ଗାଁଗୁଡ଼ିକର ଲୋକେ ବାରମ୍ବାର ଅଭିଯୋଗ କରିବା ପରେ ସ୍ଥାନୀୟ ସରପଞ୍ଚଙ୍କ ମଧ୍ୟସ୍ଥତାରେ ନଖପଡା କୋଠ ଘରେ ରାଶନ ସାମଗ୍ରୀ ବଣ୍ଟନ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ସମ୍ପୃକ୍ତ ଡିଲର ତାହାକୁ କାର୍ଯ୍ୟକାରୀ ନ କରି ନିଜ ଜିଦରେ ଅଟଳ ରହିଛନ୍ତି। ପ୍ରତିବାଦରେ ଲୋକେ ଧାରଣା ଦେବାରୁ ବାଲିସାହି ଛକରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ମଧ୍ୟାହ୍ନ ସମୟରେ ନରସିଂହପୁର ବିଡିଓ ପ୍ରଦୀପ କୁମାର ସାହୁ, ତହସିଲଦାର ଆଲୋକ ରଞ୍ଜନ ଦେହୁରୀ ଓ ଯୋଗାଣ ବିଭାଗ ଅଧିକାରୀ ଘଟଣାସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପୂର୍ବନିଷ୍ପତ୍ତିଅନୁଯାୟୀ, ନଖପଡା ଗ୍ରାମ କୋଠ ଘରେ ରାଶନ ସାମଗ୍ରୀ ବଣ୍ଟନ କରିବାକୁ ସ୍ଥିର କରାଯିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# କୋଭିଡ ସେଣ୍ଟର୍ ସାମଗ୍ରୀ ହସ୍ତାନ୍ତର ପ୍ରକ୍ରିୟା ହୋଇନି

କଟକ ସଦର,୧୭।୩(ଡି.ଏନ୍.ଏ.)

**ସରକାରୀ ନିର୍ଦ୍ଦେଶନାମାକୁ ପୂରିଲା ବର୍ଷେ**

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ନିର୍ଦ୍ଦେଶକ୍ରମେ ପ୍ରତି ପଞ୍ଚାୟତରେ କୋଭିଡ୍ ସେଣ୍ଟର୍ (ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର) ଖୋଲାଯାଇଥିଲା। ଏହି ସବୁ ସ୍ୱାସ୍ଥ୍ୟକେନ୍ଦ୍ର ପଞ୍ଚାୟତର ଅଗ୍ରଣୀ ସରକାରୀ ଶିକ୍ଷାନୁଷ୍ଠାନରେ ଖୋଲାଯାଇଥିଲା। ହେଲେ ରାଜ୍ୟରେ କରୋନା ସଂକ୍ରମଣ ସ୍ଥିତି କିଛିଟା ନିୟନ୍ତ୍ରଣ ହେବା ପରେ ପିଲାଙ୍କର ପାଠପଢ଼ାକୁ ଦୃଷ୍ଟିରେ ରଖି ଏହି କେନ୍ଦ୍ରଗୁଡିକୁ ୨୦୨୧ ଫେବୃୟାରୀ ସୁଦ୍ଧା ବନ୍ଦ କରିଦିଆଯାଇଥିଲା। ଏଥିସହ କେନ୍ଦ୍ରର ମୂଲ୍ୟବାନ ସାମଗ୍ରୀ ଓ କାଠ ଉପକରଣଗୁଡ଼ିକ ସମ୍ପୃକ୍ତ ଅନୁଷ୍ଠାନକୁ ହସ୍ତାନ୍ତର କରିବା ପାଇଁ ଉକ୍ତ ବିଭାଗ ପକ୍ଷରୁ ୨୦୨୧ ମାର୍ଚ୍ଚ ଶେଷ ସୁଦ୍ଧା କରିବାକୁ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶନାମା ଜାରିର ଏକ ବର୍ଷ ପୂର୍ତ୍ତି ହୋଇଥିଲେ ସୁଦ୍ଧା କଟକ ସଦର ବ୍ଲକର କୌଣସି ପଞ୍ଚାୟତ ଅସ୍ଥାୟୀ ସ୍ୱାସ୍ଥ୍ୟ ସେଣ୍ଟରର ସାମଗ୍ରୀ ହସ୍ତାନ୍ତର କରି ନଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏବେ ନୂଆ ସରପଞ୍ଚମାନେ ଦାୟିତ୍ୱ ନେବା ପରେ ମଧ ଏ ବିଷୟରେ ସେମାନଙ୍କୁ ସୂଚନା ଦିଆଯାଇ ନାହିଁ। ଏହି କାମ ପୁରୁଣା ସରପଞ୍ଚମାନେ କରିବା କଥା। ପତ୍ର ସଂଖ୍ୟା ନଂ.୫୧୬୬/୧୫।୩।୨୧ ରେ ରାଜ୍ୟ ସରକାର ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଗିଥିବା ଜଳ ବିଶୋଧନ ଯନ୍ତ୍ର ଓ ଇନଭର୍ଟରକୁ ସମ୍ପୃକ୍ତ ବିଦ୍ୟାଳୟକୁ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଥିଲା। ସେହିପରି ଖଟ, ବେଡଶିଟ, ଗଦିକୁ ନିକଟସ୍ଥ ସରକାରୀ ଛାତ୍ରାବାସକୁ ଠିକ ଭାବେ ବିଶୋଧନ ପରେ ହସ୍ତାନ୍ତର କରାଯାଇଥାନ୍ତା, ମାତ୍ର ତାହା କରାଯାଇନାହିଁ। ଏ ସମ୍ପର୍କରେ କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର ଓ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ପ୍ରତିକ୍ରିୟା ମିଳିପାରି ନାହିଁ।

## ଶ୍ରଦ୍ଧାଞ୍ଜଳି



ଡାକ୍ତର ପ୍ରଶାନ୍ତ କୁମାର ଦାସ
ଆବିର୍ଭାବ - ୧୭.୦୭.୧୯୪୧
ତିରୋଧାନ- ୧୨.୦୩.୨୦୨୨

ଚଳିତ ମାସ ତା.୧୨.୦୩.୨୦୨୨ ରିଖ ଶନିବାର ସକାଳ ୯.୫୦ ମି. ସମୟରେ ଡାକ୍ତର ପ୍ରଶାନ୍ତ କୁମାର ଦାସ ଭୁବନେଶ୍ୱରର କଟକ ରୋଡସ୍ଥିତ ନିଜ ବାସଭବନରେ ୮୦ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ସେ କ୍ୟାପିଟାଲ ହସ୍ପିଟାଲରେ ଜଣେ ପୂର୍ବତନ ଦକ୍ଷ E.N.T. ବିଶେଷଜ୍ଞ ଭାବେ କାର୍ଯ୍ୟ କରିଥିଲେ। ଦେଓଗଡ CDMO ଭାବେ କାର୍ଯ୍ୟ ସମାପନ କରିଥିଲେ। ସେ ମଧ ଜଣେ ଉଚ୍ଚକୋଟୀର ରଙ୍ଗମଞ୍ଚ କଳାକାର ଥିଲେ। "ଅକ୍ଷୟ ତୃତୀୟା", "ବନ୍ଧୁ ମହାନ୍ତି" ଓ ନିଝୁମ ରାତିର ସାଥୀ ଆଦି ବହୁ ଚଳଚ୍ଚିତ୍ରରେ ଅଭିନୟ କରି ସୁନାମ ଅର୍ଜନ କରିଥିଲେ। ଜଣେ ମିଷ୍ଟଭାଷୀ, କର୍ମଠ ତଥା ନିସ୍ୱାର୍ଥପର ସମାଜସେବୀ ଭାବରେ ସେ ଲୋକପ୍ରିୟ ଥିଲେ। ତାଙ୍କର ଅକାଳ ବିୟୋଗରେ ପତ୍ନୀ ନଳିନୀ ପ୍ରଭା, ପୁତ୍ର ଗୌତମ,ଗୋକୁଳ, ଲୁଚ୍ଛ, ପୁତ୍ରବଧୂ ଏବଂ ନାତୁଣୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହି ଦିବଙ୍ଗତ ଆତ୍ମାର ସଦଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ନିବେଦନ କରିଛନ୍ତି।

# ସ୍କୁଲ ପରିଦର୍ଶନ କଲେ ସିଏମ୍‌ସି କମିଶନର

**କଟକ ଅଫିସ, ୧୭।୩:** କଟକ ସହରରେ ୧୨ରୁ ୧୪ ବର୍ଷ ଛାତ୍ରୀଛାତ୍ରଙ୍କ କୋଭିଡ ଟିକାକରଣ ବୁଧବାରଠାରୁ ଆରମ୍ଭ ହୋଇଛି। କାଜିବଜାର ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଥମେ ଟିକାକରଣ ଆରମ୍ଭ ହୋଇଥିଲା। ଏସସିବି ମେଡିକାଲ, ଜିଲା ମୁଖ୍ୟ ଚିକିତ୍ସାଳୟ, ସିଡିଏ ଓ ଚାଉଳିଆଗଞ୍ଜ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୩ଟି ବିଦ୍ୟାଳୟରେ ଟିକାକରଣ କରାଯାଇଛି। ସିଏମ୍‌ସି କମିଶନର ଅନନ୍ୟା ଦାସ ବିଭିନ୍ନ ସ୍କୁଲ ପରିଦର୍ଶନ କରି ଟିକାକରଣ କାର୍ଯ୍ୟ ତଦାରଖ କରିଥିଲେ।

## ସମ୍ବଲପୁରୀ ବସ୍ତ୍ରାଳୟ
SBC
DSPL-421
ପବିତ୍ର ଦୋଳ ଓ ହୋଳି ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦% + ୨୦%
ତା୧୨।୦୩।୨୦୨୨ରୁ ତା୩୧।୦୩।୨୦୨୨ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.
OIPR-31032/13/0017/2122

# ଆନ୍ତଃବିଦ୍ୟାଳୟ ବିଜ୍ଞାନ ପ୍ରଦର୍ଶନୀ

**ଚୌଦ୍ୱାର,୧୭।୩(ଡି.ଏନ୍.ଏ.):** ସ୍ଥାନୀୟ କଳିଙ୍ଗ ନୋଡାଲ ବିଦ୍ୟାପୀଠରେ ଆନ୍ତଃ ବିଦ୍ୟାଳୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଇମ୍ଫାର ଉପସଭାପତି ବିଜୟ କୁମାର ଅଗ୍ରୱାଲ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ଗୌତମ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଇମ୍ଫା ଲୋକ ସମ୍ପର୍କ ମ୍ୟାନେଜର ଧ୍ରୁବଚରଣ ରାଉତ, ଟାଙ୍ଗୀ ବ୍ଲକ ବିଡିଓ ଆଶୁତୋଷ ମିଶ୍ର, ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷକ ସୁକାନ୍ତ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ଜୀବନରେ ବିଜ୍ଞାନର ଭୂମିକା ଓ ଅବଦାନ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଟାଙ୍ଗୀ ବିଇଓ ସରୋଜିନୀ ସାହୁ ଅତିଥି ଭାବେ ଯୋଗଦେଇଥିବାବେଳେ ପୂର୍ବତନ ଶିକ୍ଷକ ଉମାକାନ୍ତ ନନ୍ଦ ଓ ସୁଧୀର ନାୟକ ବିଚାରକ ଭାବେ ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ୪୧ଟି ବିଜ୍ଞାନ ପ୍ରକଳ୍ପ ଏହି ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ବରିଷ୍ଠ ଓ କନିଷ୍ଠ ଗ୍ରୁପ୍‌ରେ ଶ୍ରେଷ୍ଠ ବିବେଚିତ ପ୍ରକଳ୍ପଗୁଡ଼ିକର ପ୍ରସ୍ତୁତକର୍ତ୍ତା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଜ୍ଞାନ ଶିକ୍ଷକ ରାଜେନ୍ଦ୍ର ନାଥ, ସସ୍ମିତା ମଣ୍ଡଳ, ଶୁଭଲକ୍ଷ୍ମୀ ମହାପାତ୍ର ପ୍ରମୁଖ ପ୍ରଦର୍ଶନୀ ପରିଚାଳନା କରିଥିଲେ। ଶିକ୍ଷକ ପ୍ରଦୀପ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ବିଶ୍ୱ ମୁଖଗହ୍ୱର ସ୍ୱାସ୍ଥ୍ୟ ସଚେତନତା ଦିବସ
DSPL-427
୨୦ ମାର୍ଚ୍ଚ, ୨୦୨୨
"ଆମେ ନିଜ ସୁସ୍ଥ ମୁଖଗହ୍ୱର ପାଇଁ ଗର୍ବ ଅନୁଭବ କରିବା, ସୁସ୍ଥ ଶରୀର ପାଇଁ ନିଜ ମୁଖଗହ୍ୱରର ଯତ୍ନ ନେବା"



ପ୍ରମୁଖ ମୁଖଗହ୍ୱର ରୋଗ
- ଦନ୍ତ କ୍ଷୟ
- ମାଢ଼ିରୁ ରକ୍ତସ୍ରାବ
- ଦୁର୍ଗନ୍ଧ
- ତ୍ରୁଟିପୂର୍ଣ୍ଣ ଦାନ୍ତ
- ମୁଖ ଗହ୍ୱର କର୍କଟ

ମୁଖଗହ୍ୱରର ଯତ୍ନ ପାଇଁ କେତୋଟି ସୂଚନା
- ଦୈନିକ ୨ ଥର; ସକାଳୁ ଉଠିବା ପରେ ଓ ରାତ୍ରି ଭୋଜନ ପରେ ଦାନ୍ତ ଘଷନ୍ତୁ ଏବଂ ପ୍ରତିଥର ୫ ମିନିଟ୍ ପର୍ଯ୍ୟନ୍ତ ଘଷନ୍ତୁ।
- ଖାଦ୍ୟ ଖାଇବା ପରେ ଭଲଭାବେ ୪-୫ ଥର କୁଳି କରନ୍ତୁ।
- ଋତୁ ଅନୁଯାୟୀ ଉପଲବ୍ଧ ହେଉଥିବା ଫଳ ଓ ପନିପରିବା ଯଥେଷ୍ଟ ଖାଆନ୍ତୁ।
- ତମାଖୁ ବର୍ଜନ କରନ୍ତୁ।
- ଅନ୍ତତଃ ବର୍ଷକୁ ଥରଟିଏ ନିଜର ମୁଖ ଗହ୍ୱର ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇ ନିଅନ୍ତୁ।
- ସରକାରୀ ଡାକ୍ତରଖାନାରେ ମୁଖଗହ୍ୱର ଚିକିତ୍ସା ଉପଲବ୍ଧ।

ସମସ୍ତ ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚିତ ନିଅନ୍ତୁ
ନିୟମିତ ସାବୁନ୍‌ରେ ହାତ ଧୁଅନ୍ତୁ
ସଠିକ୍ ଭାବେ ମାସ୍କ ପିନ୍ଧନ୍ତୁ
ସାମାଜିକ ଦୂରତା ବଜାୟ ରଖନ୍ତୁ
କରୋନା ପ୍ରତିରୋଧ ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ପାଳନ କରନ୍ତୁ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା
World Oral Health Day 20 March
facebook.com/HFWOdisha
http://www.health.odisha.gov.in/
@HFWOdisha
OIPR-10003/13/0156/2122

# ମଣ୍ଡଳସ୍ତରୀୟ ବିଜ୍ଞାନମେଳାର ପ୍ରସ୍ତୁତି ବୈଠକ



ବୈଠକରେ ଯୋଗଦେଇଥିବା ଅତିଥିମାନେ।

ଫୁଲନଖରା,୧୭।୩(ଡି.ଏନ୍.ଏ.)

କଟକ ସଦର ଥାନା ଅନ୍ତର୍ଗତ ଉଷୁମା ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ବାରଙ୍ଗ ବ୍ଲକ ମଣ୍ଡଳସ୍ତରୀୟ ବିଜ୍ଞାନମେଳାର ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ବିଭୁତି ଭୂଷଣ ବେହେରା, ସମ୍ମାନିତ ଅତିଥି ସହ ଶିକ୍ଷା ଅଧିକାରୀ ବ୍ରଜମୋହନ ଦାସ, ଜ୍ୟୋତି ଦାସ, ପ୍ରଫୁଲ୍ଲ ରଥ, ପୂର୍ବତନ ବ୍ଲକ ଅଧକ୍ଷ ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାରଙ୍ଗ ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ସ୍କୁଲର ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ବିଜ୍ଞାନ ଶିକ୍ଷକ, ଶିକ୍ଷକ ଶରତ ଆଚାର୍ଯ୍ୟ, ଉଷୁମା କ୍ଲଷ୍ଟରର ସିଆର୍‌ସିସି ପ୍ରଦୀପ ବାରିକ ସମେତ କ୍ଲଷ୍ଟରର ଆଉ ୧୦ଜଣ ସିଆରସିସି ବୈଠକରେ ଯୋଗଦେଇଥିଲେ। ଚଳିତବର୍ଷ ଏପ୍ରିଲ ୬ରେ ବିଜ୍ଞାନ ମେଳାଟି ଗୋଡ଼ିସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ହେବ ବୋଲି ସଭାରେ ନିଷ୍ପତ୍ତି ହୋଇଥିଲା।

## ଶ୍ରୀଜଗନ୍ନାଥ ବଲ୍ଲଭ ଏଣ୍ଡାଓମେଣ୍ଟ, ପୁରୀ
### ସିଲ୍‌ଡ ଟେଣ୍ଡର ନୋଟିସ
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମୌଜା- ବାଲୁଖଣ୍ଡ- ୧୦୯ (ଚକ୍ରତୀର୍ଥ) ସ୍ଥିତ ଶ୍ରୀ ଦରିଆ ମହାବୀର ଦେବ, ଶ୍ରୀ ଚକ୍ର ନୃସିଂହ ଦେବ ଓ ଶ୍ରୀ ପଞ୍ଚବଟି ମହାଦେବଙ୍କ ମନ୍ଦିରରେ ଯାତ୍ରୀମାନେ ଭେଟି ଆକାରରେ ଦାନ କରୁଥିବା ଅର୍ଥ ଓ ପାରିମାଣିକ ଦର୍ଶନ ଫିସ୍ ଅସୁଲ ନିମନ୍ତେ ତା୧।୪।୨୦୨୨ରିଖଠାରୁ ତା୩୧।୩।୨୩ରିଖ ପର୍ଯ୍ୟନ୍ତ ନିଲାମ ଦିଆଯିବା ପାଇଁ ସ୍ଥିର କରାଯାଇ ନିଲାମର ସର୍ବନିମ୍ନ ମୂଲ୍ୟ ଟ୩୪,୧୦,୦୦୦-୦୦ (ଚଉତିରିଶି ଲକ୍ଷ ଦଶ ହଜାର ଟଙ୍କା) ମାତ୍ର ଏବଂ ଅମାନତ ବାବଦକୁ ଟ୩,୪୧,୦୦୦-୦୦ (ତିନି ଲକ୍ଷ ଏକଚାଳିଶି ହଜାର ଟଙ୍କା) ମାତ୍ର ଧାର୍ଯ୍ୟ କରାଯାଇଅଛି। ଉକ୍ତ ନିଲାମରେ ଭାଗନେବାକୁ ଇଚ୍ଛୁକ ବ୍ୟକ୍ତି ଅମାନତ ବାବଦ ଅର୍ଥ Executive Officer, Sri Jagannath Ballav Endowments, Puriଙ୍କ ନାମରେ ଯେ କୌଣସି ଜାତୀୟକରଣ ବ୍ୟାଙ୍କରେ A/C payee Bank Draft କରି ଅନୁଷ୍ଠାନରୁ ଦରଖାସ୍ତ ଫର୍ମ ଗ୍ରହଣ କରି ଦରଖାସ୍ତ ସହିତ A/C payee Bank Draft, ନିଜର ଆଧାର କାର୍ଡ କପି ଓ ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସଂଲଗ୍ନ କରି ଜଉମୁଦା ଲଫାପାରେ ସହକାରୀ ଦେବୋତ୍ତର କମିଶନର, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ରଖାଯାଇଥିବା ସିଲ୍‌ଡ ବକ୍ସରେ ତା ୨୮।୦୩।୨୨ରିଖ ଅପରାହ୍ନ ଘ୧.୩୦ମି. ମଧ୍ୟରେ ପକାଇପାରିବେ। ସେହିଦିନ ଅପରାହ୍ନ ଘ୨.୦୦ଣ୍ଟା ସମୟରେ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ସିଲ୍‌ଡ ଟେଣ୍ଡରଗୁଡ଼ିକ ଖୋଲାଯିବ। ସରକାରୀ ମୂଲ୍ୟଠାରୁ ସର୍ବାଧିକ ମୂଲ୍ୟ ଅର୍ପଣ କରିଥିବା ବ୍ୟକ୍ତିଙ୍କ ନାମରେ ଟେଣ୍ଡର ଫଇସଲା କରାଯିବ ଓ ସେହି ବ୍ୟକ୍ତି ତା୨୯।୦୩।୨୨ରିଖ ଅପରାହ୍ନ ଘ.୨.୦୦ଣ୍ଟା ସୁଦ୍ଧା ଅନୁଷ୍ଠାନର ନିର୍ବାହୀ ଅଧିକାରୀଙ୍କ ନିକଟରେ ଆକାଉଣ୍ଟ ପେୟୀ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ନିଲାମ ବାବଦ ସମସ୍ତ ଟଙ୍କା ଦାଖଲ କରିବେ। ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ ନିଲାମ ଟଙ୍କା ଦାଖଲ ନ କଲେ ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇ ଅନୁଷ୍ଠାନର ତହବିଲରେ ଜମା କରାଯିବ। କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରିପାରିବେ। ନିଲାମ ସମ୍ବନ୍ଧୀୟ ସର୍ତ୍ତାବଳୀ ଅନୁଷ୍ଠାନର କାର୍ଯ୍ୟାଳୟରୁ ସଂଗ୍ରହ କରିପାରିବେ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ଶ୍ରୀଜଗନ୍ନାଥ ବଲ୍ଲଭ ଏଣ୍ଡାଓମେଣ୍ଟ, ପୁରୀ

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ କ୍ରିଷ୍ଣା


@ କିରନ୍


@ ଅନିଲ


@ ବିକ୍ରମ


@ ମନୋରମା


@ ଅଶୋକ

# ତରବରିଆ ଭାବେ ପୋତା ଚାଲିଛି

**ପୁରୀ ଅଫିସ, ୧୭।୩:**

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**

ଶ୍ରୀମନ୍ଦିର ପଶ୍ଚିମ ପଟେ ପରିକ୍ରମା ପ୍ରକଳ୍ପ ଖନନ କାର୍ଯ୍ୟର ଫାଉଣ୍ଡେସନ୍ ପଡ଼ିସାରିବା ପରେ ଏବେ ପୋତା ଚାଲିଛି। ୨୦ ଫୁଟ୍‌ରୁ ଅଧିକ ଗାତ କରି ଫାଉଣ୍ଡେଶନ ପକାଯାଇଥିବା ବେଳେ ଏହାକୁ ଏବେ ତରବରିଆ ଭାବେ ପୋତାଯାଉଛି। ଗୋଟିଏ ପଟେ ପରିକ୍ରମା ପ୍ରକଳ୍ପ ଖନନକୁ ପୁରୀ ସହରରେ ବୁଦ୍ଧିଜୀବୀ, ଆଇନଜୀବୀ ବିରୋଧ କରୁଥିବା ବେଳେ ପ୍ରଶାସନ ଦୋଷ ଘୋଡ଼ାଇବା ପାଇଁ ପୋତିବାରେ ବ୍ୟସ୍ତ। ସମ୍ପୃକ୍ତ ସ୍ଥାନ ପୋତା ହେବା ଫଳରେ କେତେ ବଡ଼ ଖନନ ହୋଇଥିଲା ତାହା ଆଗାମୀ ସମୟରେ ଜଣାପଡ଼ିବ ନାହିଁ। ଏନ୍‌ଏମ୍‌ଏ ଏବଂ ଏଏସ୍ଆଇ କର୍ତ୍ତୃପକ୍ଷ କାର୍ଯ୍ୟ ତଦାରଖ କରିବାକୁ ଆସିଲେ, ବାସ୍ତବରେ କେତେ ଖନନ ହୋଇଥିଲା ତାହା ଜାଣିପାରିବେ ନାହିଁ। ଫଳରେ ଜିଲା ପ୍ରଶାସନ କରିଥିବା ବ୍ୟାପକ ଖନନ ଘୋଡ଼େଇ ହୋଇରହିବ ବୋଲି କଂଗ୍ରେସ ନେତା ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ଦୋଷ ଘୋଡ଼ାଇବା ପାଇଁ ବିଭିନ୍ନ ଗୋଷ୍ଠୀ ସହ ଆଲୋଚନାରେ ଲାଗିଛି। ଗୁରୁବାର କୁମ୍ଭକାର ନିଯୋଗ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସହ ପ୍ରଶାସନ ଆଲୋଚନା କରିଥିବା କହିଛି। ତେବେ ପୁରୀ ସହରର ହୋପ୍ ଇଜ୍ ଲାଇଫ୍, ହାପିନେସ୍ ଫାଉଣ୍ଡେଶନ୍, ଉମିଦ୍, ସାହିଭାଇ ଓ ଉର୍ଜାବାନ ଓଡ଼ିଶା ଭଳି ପ୍ରମୁଖ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକୁ ଜିଲା ପ୍ରଶାସନ ଡାକି ନ ଥିବା ଅଭିଯୋଗ ହୋଇଛି। ସାହିଭାଇ ଅନୁଷ୍ଠାନର ସମ୍ପାଦକ ଅଜୟ ମିଶ୍ର କହିଛନ୍ତି, ପ୍ରଶାସନ କେବଳ ନିଜ ସପକ୍ଷବାଦୀ ଲୋକଙ୍କୁ ଡାକି ଆଲୋଚନା କରିଛି। ବଡ ବଡ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଡକାଯାଇନାହିଁ। ସେହିଭଳି ପ୍ରକଳ୍ପ ସମ୍ପର୍କରେ ଏକ ପ୍ରୋଜେକ୍ଟର ମାଧ୍ୟମରେ ନକ୍ସାକୁ ଦେଖାଯାଇଥିଲା। ଜିଲାପାଳ ନିଜେ ପ୍ରକଳ୍ପର ବିଭିନ୍ନ ଦିଗ ଉପରେ ଆଲୋଚନା କଲେ। ପରିକ୍ରମା ମାର୍ଗର ୭୫ ମିଟର ମଧ୍ୟରେ ସବୁଜିମା ବୃଦ୍ଧି, ସାଧାରଣ ସୁବିଧା ଉପଲବ୍ଧ କରାଇବା, ଶୌଚାଳୟ ଆଶ୍ରୟସ୍ଥଳୀ, ପୋଲିସ କଣ୍ଟ୍ରୋଲ୍ ରୁମ୍, ସୂଚନା ଆଶୁଚିକିତ୍ସା କେନ୍ଦ୍ର ଓ ଜୋତା ଷ୍ଟାଣ୍ଡ ଭଳି ବ୍ୟବସ୍ଥା ସମ୍ପର୍କରେ ବୈଠକରେ ସୂଚନା ଦିଆଯାଇଥିଲା। ଏ ସମ୍ପର୍କରେ କୁମ୍ଭକାର ନିଯୋଗର ସମ୍ପାଦକ ମହେନ୍ଦ୍ର ବିଶୋଇ କହିଛନ୍ତି, ଜିଲାପାଳ ଯାହା ଯାହା ଦେଖାଇଲେ, ସେସବୁ କାର୍ଯ୍ୟକାରୀ ହେଲେ ଭଲ କଥା। ଶ୍ରୀମନ୍ଦିର ସୁରକ୍ଷାକୁ ପ୍ରାଥମିକତା ଦିଆଯିବା ଦରକାର। କାର୍ଯ୍ୟ ଆଇନତଃ ହେଉ ଓ ଶ୍ରୀମନ୍ଦିର ସୁରକ୍ଷାକୁ ଦୃଷ୍ଟିରେ ରଖି କରାଯାଉ ବୋଲି ଜିଲା ପ୍ରଶାସନକୁ ସ୍ପଷ୍ଟ ଭାବେ ଜଣାଇଲୁ। ତେବେ ପ୍ରଶାସନ କେବଳ ଦୋଷ ଲୁଚାଇବା ପାଇଁ ଆଲୋଚନା କରିବାକୁ ଆଗ୍ରହୀ ଥିବାବେଳେ ବାସ୍ତବରେ ଜନମତକୁ ଖାତିର କରୁନାହିଁ ବୋଲି ଆଇନଜୀବୀ ଶରତ କୁମାର ରାୟଗୁରୁ କହିଛନ୍ତି।


ପୁରୀ ଦୋଳବେଦି ପରିସରରେ ଗୁରୁବାର ହୋଲିକା ଦହନ ନୀତି ସମ୍ପନ୍ନ କରାଯାଉଛି ।

# ୩ ବଖରା ଜଳିଗଲା

**ଡେଲାଙ୍ଗ, ୧୭।୩(ଡି.ଏନ୍.ଏ.):**

ଡେଲାଙ୍ଗ ବ୍ଲକର ରେଞ୍ଚ ପଞ୍ଚାୟତ ଅଧୀନ ରେଞ୍ଚ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ରବୀନ୍ଦ୍ର ବେହେରାଙ୍କ ୩ବଖରା ସହିତ ଗୁହାଳ ଘର ଜଳିଯାଇଛି। ଖବରପାଇ ଡେଲାଙ୍ଗ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଘରକରଣା ଆସବାବପତ୍ର, ଧାନ, ଚାଉଳ, ମୁଗ, ବିରି ସହ ଜରୁରୀ କାଗଜପତ୍ର ପୋଡି ପାଉଁଶ ହୋଇଯାଇଛି। ଗୁରୁବାର ସ୍ଥାନୀୟ ସରପଞ୍ଚ ହରିହର ସ୍ୱାଇଁ ଓ ରେଞ୍ଚ ରାଜସ୍ୱ ବିଭାଗ ପକ୍ଷରୁ ଆର୍ଆଇ ନବକିଶୋର ପ୍ରଧାନ ଅଗ୍ନିବିପନ୍ନଙ୍କୁ ଭେଟି କ୍ଷୟକ୍ଷତି ଆକଳନ କରିବା ସହିତ ପଲିଥିନ ପ୍ରଦାନ କରିଥିଲେ। ସରପଞ୍ଚ ସ୍ୱାଇଁ ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରିବା ସହିତ ସରକାରୀ ସହାୟତା ଯୋଗାଇ ଦେବାକୁ ଆଶ୍ୱାସନା ଦେଇଥିଲେ। ତେବେ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ।

# ଓକିଲ ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ

**ପୁରୀ ଅଫିସ, ୧୭।୩:**

**ପରିକ୍ରମା ପ୍ରକଳ୍ପର ବେଆଇନ କାର୍ଯ୍ୟକୁ ବିରୋଧ**

ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଶହେ ମିଟର ନିଷିଦ୍ଧାଞ୍ଚଳରେ ଆମ୍‌ସାର ଆକ୍ଟ ଉଲ୍ଲଂଘନ କରି ବେଆଇନ ଭାବେ ନିର୍ମାଣ କାର୍ଯ୍ୟ ଚାଲିଥିବା ପୁରୀ ଓକିଲ ସଂଘ ଅଭିଯୋଗ କରିଛି। ସଂଘ ଏହି କାର୍ଯ୍ୟକୁ ନିନ୍ଦା କରିବା ସହ ବୁଧବାର ସିଂହଦ୍ୱାର ଥାନାରେ ଏତଲା ଦେଇଥିଲା। ଗୁରୁବାର ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଏହାକୁ ବିରୋଧ କରି ଓକିଲ ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଓ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଛି। ଆନ୍ଦୋଳନରେ ଭଗବାନ ମିଶ୍ର, ସାରଦା ସାମଲ, ଶରତ କୁମାର ରାୟଗୁରୁ, ପ୍ରଶାନ୍ତ ମିଶ୍ର, ଶୁଭେନ୍ଦୁ ଦାସ, ଶରତ ରଥ ଏବଂ ବିଭୁତି ତ୍ରିପାଠୀଙ୍କ ସମେତ ଶତାଧିକ ଓକିଲ ସାମିଲ ଥିଲେ। ପ୍ରଶାସନ ସତ ଲୁଚାଇବା ପାଇଁ ବିଭିନ୍ନ ବୈଠକ କରି ପୁରୀବାସୀଙ୍କୁ ଭୁଆଁ ବୁଲାଉଛି। ଓକିଲ ସଂଘ ପୁରୀର ବିକାଶକୁ ସମର୍ଥନ କରିବ, ମାତ୍ର ବିନାଶକୁ ନୁହେଁ। ପ୍ରଶାସନ ପ୍ରଥମେ ଅନୁମତି ଆଣୁ, ପରେ ନିର୍ମାଣ କରିବ। ତେଣୁ ବର୍ତ୍ତମାନ ପ୍ରଶାସନ କାର୍ଯ୍ୟ ବନ୍ଦ ରଖୁ ନଚେତ ଓକିଲ ସଂଘ ଏ ନେଇ କୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ଆଇନଜୀବୀମାନେ କହିଛନ୍ତି। ପୂର୍ବରୁ ଓକିଲ ସଂଘର ଏକ ପ୍ରତିନିଧି ମଣ୍ଡଳୀ ସିଂହଦ୍ୱାର, ପଶ୍ଚିମ ଦ୍ୱାର ଓ ଦକ୍ଷିଣ ଦ୍ୱାରରେ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଯାତ୍ରୀଙ୍କ ପାଇଁ ଶୌଚାଳୟ, କ୍ଲୋକ ରୁମ୍, ଫାଷ୍ଟ ଏଡ ପାଇଁ ୧୦ରୁ ୨୦ଫୁଟ ଖୋଳି ସ୍ଥାୟୀ ନିର୍ମାଣ କରିବା ବେଆଇନ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଐତିହ୍ୟ ସୁରକ୍ଷା ନିମନ୍ତେ ଦାବିପତ୍ର

**ପୁରୀ ଅଫିସ, ୧୭।୩:**

ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉନ୍ନତିମୂଳକ କାର୍ଯ୍ୟକୁ ସ୍ୱାଗତ କରିବା ସହ ବିରୋଧକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଗୁରୁବାର ବେଳାଭୂମିର କେତେଜଣ କ୍ଷୁଦ୍ର ବ୍ୟବସାୟୀ, ଉଠାଦୋକାନୀ ଓ ପୁରୀ ସହରର କିଛି ବାସିନ୍ଦା ଏକାଠି ହୋଇ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ସେମାନେ କହିଛନ୍ତି, ଗତ କିଛିଦିନ ହେବ ଶ୍ରୀମନ୍ଦିର ଏତିହ୍ୟ ପ୍ରକଳ୍ପ କାର୍ଯ୍ୟରେ ବାଧା ସୃଷ୍ଟି କରାଯାଉଛି। କେତେଜଣ ବ୍ୟକ୍ତି ନିଜ ସ୍ୱାର୍ଥ ହାସଲ ପାଇଁ ବିକାଶ କାର୍ଯ୍ୟକୁ ବିରୋଧ କରୁଛନ୍ତି। ତେବେ ସହରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଦୋକାନୀମାନଙ୍କ ପକ୍ଷରୁ ସମର୍ଥନ ରହିଛି। ଐତିହ୍ୟ କରିଡ଼ର ପ୍ରକଳ୍ପ କାର୍ଯ୍ୟକ୍ଷମ ଦ୍ୱାରା ପର୍ଯ୍ୟଟନର ବିକାଶ ହେବ। ଗରିବ, ଉଠାଦୋକାନୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ଜୀବିକା ବଞ୍ଚିପାରିବ। ପୁରୀ ସହର ବିଶ୍ୱ ଐତିହ୍ୟରେ ଲିପିବଦ୍ଧ ହେବ। ଏଭଳି ବିକାଶ କାର୍ଯ୍ୟରେ ବାଧକ ସୃଷ୍ଟିକାରୀଙ୍କ ପ୍ରତି ଆଇନ ଅନୁଯାୟୀ ଦଣ୍ଡ ବିଧାନ କରାଯିବାକୁ ଦାବି କରାଯାଇଛି।


## ଶ୍ରଦ୍ଧାଞ୍ଜଳି



ଁ ଡାକ୍ତର ପ୍ରଶାନ୍ତ କୁମାର ଦାସ
ଆବିର୍ଭାବ - ୧୭.୦୭.୧୯୪୧
ତିରୋଧାନ- ୧୨.୦୩.୨୦୨୨

ଚଳିତ ମାସ ତା.୧୨.୦୩.୨୦୨୨ ରିଖ ଶନିବାର ସକାଳ ୯.୫୦ ମି. ସମୟରେ ଡାକ୍ତର ପ୍ରଶାନ୍ତ କୁମାର ଦାସ ଭୁବନେଶ୍ୱରର କଟକ ରୋଡସ୍ଥିତ ନିଜ ବାସଭବନରେ ୮୦ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି । ସେ କ୍ୟାପିଟାଲ ହସ୍ପିଟାଲରେ ଜଣେ ପୂର୍ବତନ ଦକ୍ଷ E.N.T. ବିଶେଷଜ୍ଞ ଭାବେ କାର୍ଯ୍ୟ କରିଥିଲେ । ଦେଓଗଡ CDMO ଭାବେ କାର୍ଯ୍ୟ ସମାପନ କରିଥିଲେ । ସେ ମଧ୍ୟ ଜଣେ ଉଚ୍ଚକୋଟୀର ରଙ୍ଗମଞ୍ଚ କଳାକାର ଥିଲେ । "ଅକ୍ଷୟ ତୃତୀୟା", "ବନ୍ଧୁ ମହାନ୍ତି" ଓ ନିଛୁମ ରାତିର ସାଥୀ ଆଦି ବହୁ ଚଳଚ୍ଚିତ୍ରରେ ଅଭିନୟ କରି ସୁନାମ ଅର୍ଜନ କରିଥିଲେ । ଜଣେ ମିଷ୍ଟଭାଷୀ, କର୍ମଠ ତଥା ନିସ୍ୱାର୍ଥପର ସମାଜସେବୀ ଭାବରେ ସେ ଲୋକପ୍ରିୟ ଥିଲେ । ତାଙ୍କର ଅକାଳ ବିୟୋଗରେ ପତ୍ନୀ ନଳିନୀ ପ୍ରଭା, ପୁତ୍ର ଗୌତମ,ଗୋକୁଳ, ରୁଚୁ, ପୁତ୍ରବଧୂ ଏବଂ ନାତୁଣୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେହି ଦିବଙ୍ଗତ ଆତ୍ମାର ସଦଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ନିବେଦନ କରିଛନ୍ତି ।



## ସମ୍ବଲପୁରୀ ବସ୍ତ୍ରାଳୟ

DSPL-421

ପବିତ୍ର ଦୋଳ ଓ ହୋଲି ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦% + ୨୦%
ତା୧୨।୦୩।୨୦୨୨ରୁ ତା୩୧।୦୩।୨୦୨୨ ପର୍ଯ୍ୟନ୍ତ

ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି

ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।

For online purchase visit
www.sambalpuribastralaya.com

Scan the QR code to visit our website.

OIPR-31032/13/0017/2122


# ଖବରଦାତାଙ୍କୁ ଆକ୍ରମଣ ଘଟଣା, ୨ ଭାଇ ଗିରଫ

**ଗୋପ, ୧୭।୩(ଡି.ଏନ୍.ଏ.):**

ଗୋପ ଥାନା ଅଞ୍ଚଳରେ ବେଆଇନ ଇଟାଭାଟିକୁ ନେଇ ଖବର ସଂଗ୍ରହ କରିବାକୁ ଯାଇଥିବାବେଳେ ଜଣେ ଖବରଦାତାଙ୍କୁ ଆକ୍ରମଣ କରିବା ଘଟଣାରେ ପୋଲିସ ୨ଭାଇଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ଇଟାଭାଟି ମାଲିକ ତୁଷାର ରାଉତ ଓ ତାଙ୍କ ଭାଇ ସୁସାର ରାଉତ। ଏ ନେଇ ପୋଲିସ ଏକ ମାମଲା (ନଂ.୯୧/୨୨) ରୁଜୁ ହୋଇଛି। ଅଭିଯୁକ୍ତଦ୍ୱୟଙ୍କୁ ନିମାପଡ଼ା କୋର୍ଟରେ ହାଜର କରିବା ପରେ କୋର୍ଟ ସେମାନଙ୍କ ଜାମିନ ନାମଞ୍ଜୁର କରି ଜେଲକୁ ପଠାଇ ଦେଇଛନ୍ତି। କୋଣାର୍କ ଅଞ୍ଚଳର ଖବରଦାତା ପ୍ରକାଶ କାଣ୍ଡି ବୁଧବାର ଗୋପ ଥାନା ଅନ୍ତର୍ଗତ ମୁରୁଡା ଗ୍ରାମରେ ଚାଲିଥିବା ବେଆଇନ ଇଟାଭାଟି ଅଭିଯୋଗକୁ ନେଇ ଖବର ସଂଗ୍ରହ କରିବାକୁ ଯାଇଥିଲେ। ମାତ୍ର ଇଟାଭାଟିର ଉକ୍ତ ଦୁଇ ଭାଇ ହଠାତ ଆସି ଖବରଦାତାଙ୍କୁ ମାଡମାରି କ୍ୟାମେରା ଛଡାଇ ନେଇଥିଲେ। ଏ ନେଇ ସେ ଗୋପ ଥାନାରେ ଅଭିଯୋଗ କରିବା ପରେ ପୋଲିସ ବିଳମ୍ବିତ ରାତିରେ ଉକ୍ତ ଗ୍ରାମରେ ଚଢ଼ାଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଅଞ୍ଚଳରେ ବେଆଇନ ଇଟାଭାଟି ଯୋଗୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ତୁରନ୍ତ ବେଆଇନ ଇଟାଭାଟି ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗୋପ ତହସିଲଦାର ଏସ୍.କେ. ସାର୍ଗି ସୂଚନା ଦେଇଛନ୍ତି।

# ମହିଳା ଗୋଷ୍ଠୀଙ୍କୁ ମାଛ ଚାଷ ତାଲିମ

**ଅସ୍ତରଙ୍ଗ, ୧୭।୩(ଡି.ଏନ୍.ଏ.)**

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର କଣମଣ ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ର ପୁରୀ ଓ କେରଳର କୋଚିନସ୍ଥିତ କେନ୍ଦ୍ରୀୟ ମାଛ ଗବେଷଣା ତଥା ବୈଷୟିକ ଜ୍ଞାନକୌଶଳ ପ୍ରତିଷ୍ଠାନ ତରଫରୁ ମାଛ ଚାଷ ସମ୍ବନ୍ଧୀୟ ଏକ ତାଲିମ କାର୍ଯ୍ୟକ୍ରମ ହୋଇଯାଇଛି। ମହିଳା ଗୋଷ୍ଠୀଙ୍କ ପାଇଁ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର ପୁରୀର ମାଛ ଚାଷ ବିଭାଗର ମୁଖ୍ୟ ବୈଜ୍ଞାନିକ ଡ. ଅମ୍ବିକା ପ୍ରସାଦ ନାୟକ ଯୋଗଦେଇ କହିଥିଲେ, ମାଛ ସହଜରେ ହଜମ ହେଉଥିବା ଓ ଶସ୍ତାରେ ମିଳୁଥିବା ଏକ ପୃଷ୍ଟିସାର ଜାତୀୟ ଖାଦ୍ୟ। ରକ୍ତ ହୀନତା ଦୂର ପାଇଁ ମାଗୁର ମାଛ, ତମ୍ବା ସାର ବା କପର, ମଣିଷ ଦେହରେ ରକ୍ତ ତିଆରି ପାଇଁ ସାହାଯ୍ୟ କରେ। ଗର୍ଭସ୍ଥ ଶିଶୁକୁ ବୁଦ୍ଧିମାନ କରିବା ସହ ତାର ମସ୍ତିଷ୍କ ବିକାଶ କରିବାକୁ ହେଲେ ଗର୍ଭସ୍ଥ ମା' ପ୍ରଚୁର ମାଛ ଖାଇବା ଉଚିତ ବୋଲି ସେ କହିଛନ୍ତି। ମୁଖ୍ୟ ଅତିଥି ଭାବେ ଖବରଦାତା ଦୁଃଶାସନ ନାୟକ ଓ ସମ୍ମାନିତ ଅତିଥି ଭାବେ ସଫଳ ଚାଷୀ ଉଲ୍ଲାସ କୁମାର ନାୟକ ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଷୟିକ ସହାୟତା ଚନ୍ଦନା ମହାପାତ୍ର ଯୋଗଦେଇଥିଲେ। କୃଷିବିଜ୍ଞାନ କେନ୍ଦ୍ର ପୁରୀ ତରଫରୁ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସଞ୍ଜୟ ମହାନ୍ତିଙ୍କ ଦ୍ୱାରା ତାଲିମ ନେଉଥିବା ମହିଳାମାନଙ୍କୁ ମାଛ ଚାଷ ଓ ପୋଖରୀ ବିଶୋଧନ ସମ୍ବନ୍ଧରେ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ପ୍ରାରମ୍ଭରେ ମାଛ ଚାଷୀ ଦୁଃଶାସନ ନାୟକ ଅତିଥି ପରିଚୟ ଦେଇଥିଲା ବେଳେ ଚାଷୀ ଉଲ୍ଲାସ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଏହି ତାଲିମରେ ସୁନ୍ଦର ଓ କଣମଣ ଗ୍ରାମର ୪୦ଜଣ ହରିଜନ ମହିଳା ଯୋଗଦେଇଥିଲେ।


## ଶ୍ରୀଜଗନ୍ନାଥ ବଲ୍ଲଭ ଏଣ୍ଡାଓମେଣ୍ଟ, ପୁରୀ

**ସିଲ୍ଡ ଟେଣ୍ଡର ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମୌଜା- ବାଲୁଖଣ୍ଡ- ୧୦୯ (ଚକ୍ରତୀର୍ଥ) ସ୍ଥିତ ଶ୍ରୀ ଦରିଆ ମହାବୀର ଦେବ, ଶ୍ରୀ ଚକ୍ର ନୃସିଂହ ଦେବ ଓ ଶ୍ରୀ ପଞ୍ଚବଟି ମହାଦେବଙ୍କ ମନ୍ଦିରରେ ଯାତ୍ରୀମାନେ ଭେଟି ଆକାରରେ ଦାନ କରୁଥିବା ଅର୍ଥ ଓ ପାରିମାଣିକ ଦର୍ଶନ ଫିସ୍ ଅସୁଲ ନିମନ୍ତେ ତା୧।୪।୨୦୨୨ରିଖଠାରୁ ତା୩୧।୩।୨୩ରିଖ ପର୍ଯ୍ୟନ୍ତ ନିଲାମ ଦିଆଯିବା ପାଇଁ ସ୍ଥିର କରାଯାଇ ନିଲାମର ସର୍ବନିମ୍ନ ମୂଲ୍ୟ ଟ୩୪,୧୦,୦୦୦-୦୦ (ଚଉତିରିଶି ଲକ୍ଷ ଦଶ ହଜାର ଟଙ୍କା) ମାତ୍ର ଏବଂ ଅମାନତ ବାବଦକୁ ଟ୩,୪୧,୦୦୦-୦୦ (ତିନି ଲକ୍ଷ ଏକଚାଳିଶି ହଜାର ଟଙ୍କା) ମାତ୍ର ଧାର୍ଯ୍ୟ କରାଯାଇଅଛି । ଉକ୍ତ ନିଲାମରେ ଭାଗନେବାକୁ ଇଚ୍ଛୁକ ବ୍ୟକ୍ତି ଅମାନତ ବାବଦ ଅର୍ଥ Executive Officer, Sri Jagannath Ballav Endowments, Puriଙ୍କ ନାମରେ ଯେ କୌଣସି ଜାତୀୟକରଣ ବ୍ୟାଙ୍କରେ A/C payee Bank Draft କରି ଅନୁଷ୍ଠାନରୁ ଦରଖାସ୍ତ ଫର୍ମ ଗ୍ରହଣ କରି ଦରଖାସ୍ତ ସହିତ A/C payee Bank Draft, ନିଜର ଆଧାର କାର୍ଡ କପି ଓ ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସଂଲଗ୍ନ କରି ଜଉମୁଦା ଲଫାପାରେ ସହକାରୀ ଦେବୋତ୍ତର କମିଶନର, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ରଖାଯାଇଥିବା ସିଲ୍ଡ ବକ୍ସରେ ତା ୨୮।୦୩।୨୨ରିଖ ଅପରାହ୍ନ ଘ୧.୩୦ମି. ମଧ୍ୟରେ ପକାଇପାରିବେ। ସେହିଦିନ ଅପରାହ୍ନ ଘ୨.୦୦ଣ୍ଟା ସମୟରେ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ସିଲ୍ଡ ଟେଣ୍ଡରଗୁଡ଼ିକ ଖୋଲାଯିବ । ସରକାରୀ ମୂଲ୍ୟଠାରୁ ସର୍ବାଧିକ ମୂଲ୍ୟ ଅର୍ପଣ କରିଥିବା ବ୍ୟକ୍ତିଙ୍କ ନାମରେ ଟେଣ୍ଡର ଫଇସଲା କରାଯିବ ଓ ସେହି ବ୍ୟକ୍ତି ତା୨୯।୦୩।୨୨ରିଖ ଅପରାହ୍ନ ଘ.୨.୦୦ଣ୍ଟା ସୁଦ୍ଧା ଅନୁଷ୍ଠାନର ନିର୍ବାହୀ ଅଧିକାରୀଙ୍କ ନିକଟରେ ଆକାଉଣ୍ଟ ପେୟୀ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ନିଲାମ ବାବଦ ସମସ୍ତ ଟଙ୍କା ଦାଖଲ କରିବେ । ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ ନିଲାମ ଟଙ୍କା ଦାଖଲ ନ କଲେ ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇ ଅନୁଷ୍ଠାନର ତହବିଲରେ ଜମା କରାଯିବ । କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରିପାରିବେ । ନିଲାମ ସମ୍ବନ୍ଧୀୟ ସର୍ତ୍ତାବଳୀ ଅନୁଷ୍ଠାନର କାର୍ଯ୍ୟାଳୟରୁ ସଂଗ୍ରହ କରିପାରିବେ ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ଶ୍ରୀଜଗନ୍ନାଥ ବଲ୍ଲଭ ଏଣ୍ଡାଓମେଣ୍ଟ, ପୁରୀ



## ବିଶ୍ୱ ମୁଖଗହ୍ୱର ସ୍ୱାସ୍ଥ୍ୟ ସଚେତନତା ଦିବସ

DSPL-427

୨୦ ମାର୍ଚ୍ଚ, ୨୦୨୨

"ଆମେ ନିଜ ସୁସ୍ଥ ମୁଖଗହ୍ୱର ପାଇଁ ଗର୍ବ ଅନୁଭବ କରିବା, ସୁସ୍ଥ ଶରୀର ପାଇଁ ନିଜ ମୁଖଗହ୍ୱରର ଯତ୍ନ ନେବା"



**ମୁଖଗହ୍ୱରର ଯତ୍ନ ପାଇଁ କେତୋଟି ସୂଚନା**

- ଦୈନିକ ୨ ଥର; ସକାଳୁ ଉଠିବା ପରେ ଓ ରାତ୍ରି ଭୋଜନ ପରେ ଦାନ୍ତ ଘଷନ୍ତୁ ଏବଂ ପ୍ରତିଥର ୫ ମିନିଟ୍ ପର୍ଯ୍ୟନ୍ତ ଘଷନ୍ତୁ ।
- ଖାଦ୍ୟ ଖାଇବା ପରେ ଭଲଭାବେ ୪-୫ ଥର କୁଳି କରନ୍ତୁ ।
- ଋତୁ ଅନୁଯାୟୀ ଉପଲବ୍ଧ ହେଉଥିବା ଫଳ ଓ ପନିପରିବା ଯଥେଷ୍ଟ ଖାଆନ୍ତୁ ।
- ତମାଖୁ ବର୍ଜନ କରନ୍ତୁ ।
- ଅନ୍ତତଃ ବର୍ଷକୁ ଥରଟିଏ ନିଜର ମୁଖ ଗହ୍ୱର ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇ ନିଅନ୍ତୁ ।
- ସରକାରୀ ଡାକ୍ତରଖାନାରେ ମୁଖଗହ୍ୱର ଚିକିତ୍ସା ଉପଲବ୍ଧ ।

**ପ୍ରମୁଖ ମୁଖଗହ୍ୱର ରୋଗ**

- ଦନ୍ତ କ୍ଷୟ
- ମାଢ଼ିରୁ ରକ୍ତସ୍ରାବ
- ଦୁର୍ଗନ୍ଧ
- ତ୍ରୁଟିପୂର୍ଣ୍ଣ ଦାନ୍ତ
- ମୁଖ ଗହ୍ୱର କର୍କଟ

ସମସ୍ତ ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚିତ ନିଅନ୍ତୁ




ନିୟମିତ ସାବୁନ୍‌ରେ ହାତ ଧୁଅନ୍ତୁ | ସଠିକ୍ ଭାବେ ମାସ୍କ ପିନ୍ଧନ୍ତୁ | ସାମାଜିକ ଦୂରତା ବଜାୟ ରଖନ୍ତୁ

କରୋନା ପ୍ରତିରୋଧ ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ପାଳନ କରନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା
World Oral Health Day 20 March
facebook.com/HFWOdisha
http://www.health.odisha.gov.in/
@HFWOdisha

OIPR-10003/13/0156/2122

